
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 MARCH 2023
Vol.No. 34 ■ No. 65 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସିସୋଦିଆଙ୍କୁ ୧୭ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେଲା ଇଡି

### ଜାମିନ ଆବେଦନ ଉପରେ ୨୨ ତାରିଖରେ ଶୁଣାଣି



ନୂଆଦିଲ୍ଲୀ, ୧୦/୦୩ : ବଢୁଛି ଆପ୍ ନେତା ତଥା ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କ ଅଡୁଆ । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପଚରାଉଚରା ପାଇଁ ସିସୋଦିଆଙ୍କୁ ୭ ଦିନିଆ ରିମାଣ୍ଡରେ ନେଇଛି ଇଡି । ସିସୋଦିଆଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା ଇଡି । କିନ୍ତୁ କୋର୍ଟ ଗୋଟିଏ ସପ୍ତାହ ପାଇଁ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି । ଇଡି ଗୁରୁବାର ମନିଷଙ୍କୁ ଗିରଫ କରିବା ପରେ ଶୁକ୍ରବାର ରିମାଣ୍ଡ ପାଇଁ ଆବେଦନ କରିଥିଲା । ହେଲେ ଏହାକୁ ବିରୋଧ କରିଥିଲେ ସିସୋଦିଆଙ୍କ ଓକିଲ ଦୟାନ କ୍ରିଷ୍ଣା । ସିବିଆଇ ଏହି ମାମଲାରେ ତଦନ୍ତ କରୁଥିବା ବେଳେ ଆର୍ଥିକ କାରବାର ନେଇ କୌଣସି ପ୍ରମାଣ ନାହିଁ । ତେଣୁ ଇଡି ଏହି ମାମଲା ତଦନ୍ତ କରିପାରିବ ନାହିଁ ବୋଲି ସିସୋଦିଆଙ୍କ ଓକିଲ କୋର୍ଟକୁ କହିଥିଲେ । ହେଲେ ଏହି ମାମଲାରେ ସିସୋଦିଆଙ୍କ ସିଧାସଳଖ ସମ୍ପୃକ୍ତି ଥିବା କୋର୍ଟକୁ କହିଥିଲା ଇଡି । ମାର୍ଚ୍ଚ ୬ ତାରିଖ ସିବିଆଇ ଦ୍ୱାରା ଗିରଫ ହୋଇ ଏବେ ତିହାର ଜେଲରେ ଅଛନ୍ତି ସିସୋଦିଆ । ଏପଟେ ଏହି ମାମଲାର ଅର୍ଥ କାରବାରରେ ମୁଖ୍ୟ ଅଭିଯୁକ୍ତ କହୁଯାଉଥିବା ସୁକେଶ ଚନ୍ଦ୍ରଶେଖର ବିସ୍ଫୋରକ ବୟାନ ଦେଇଛନ୍ତି । ସିସୋଦିଆଙ୍କ ଗିରଫ ପରେ ସତ୍ୟ ସାମ୍ନାକୁ ଆସଛି । ଏହାପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପାଳି ବୋଲି ସେ କହିଛନ୍ତି । କେଜ୍ରିୱାଲ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ । ମନିଷ ସିସୋଦିଆ ଏବଂ ସତ୍ୟନ୍ଦ୍ର ଜୈନ କେଜରୀୱାଲଙ୍କ ଇସାରାରେ କାର୍ଯ୍ୟ କରୁଥିଲେ ବୋଲି କହିଛନ୍ତି ସୁକେଶ । ତେବେ ସିସୋଦିଆ ଗିରଫ ହେବା ପରେ ବିଜେପି ଆପ ସରକାର ବିରୋଧରେ ଦିଲ୍ଲୀରେ ବିକ୍ଷୋଭ କରିଛି ।

## ରାଉରକେଲା ଗସ୍ତରେ ମୁଖ୍ୟମନ୍ତ୍ରୀ : ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭେଟି



ରାଉରକେଲା/ଭୁବନେଶ୍ୱର, ୧୦/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଉରକେଲା ଗସ୍ତରେ ଆସି ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଉରକେଲା ସହରର ବିର୍ସା ଛକ ଠାରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ସମେତ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର ପାର୍କିଂ ସୁବିଧାର ଉଦଘାଟନ କରିଛନ୍ତି । ୧୫୭.୨୧ କୋଟି ଟଙ୍କା ମୂଲ୍ୟରେ ୧୦ ଏକର ଜମିରେ ଏହି ଷ୍ଟାଡିୟମ୍ ସମେତ ଅନ୍ୟାନ୍ୟ ଆନୁସର୍ଙ୍ଗିକ ବ୍ୟବସ୍ଥା ନିର୍ମିତ ହୋଇଛି । ପ୍ରାୟ ୧୦ହଜାର ଦର୍ଶକ ଏକକାଳୀନ ଏଠାରେ ବସି ଖେଳ ଉପଭୋଗ କରିପାରିବେ । ଏଠାରେ ଫୁଟବଲ ସମେତ ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗର ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରିବ । ଏଥିସହିତ ଏଠାରେ ନିର୍ମିତ ସୁଇମିଂ ପୁଲରେ ସନ୍ତରଣ ନେଇ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତା ମଧ ଆୟୋଜିତ ହେବ । ଏହା ସହିତ ୨ମହଲା ବିଶିଷ୍ଟ ମଲ୍ଟି ଲେବଲ୍ କାର ପାର୍କିଂ ବ୍ୟବସ୍ଥା ମଧ ରହିଛି । ଅନ୍ୟପକ୍ଷରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଘାଟ, ପରିମଳ, କୃଷି ଏବଂ ପର୍ଯ୍ୟଟନ ଇତ୍ୟାଦିର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଯେପରିକି ୫୩.୫୩ କୋଟି ଟଙ୍କାର ପାନପୋଷଠାରେ ବଜାର ଗୃହ ନିର୍ମାଣ, ୧୧.୭୭ କୋଟି ଟଙ୍କାର ଆସ୍ଥା ଗୃହ (ମାନସିକ ରୋଗଗ୍ରସ୍ତ ମହିଳାଙ୍କ ପାଇଁ), ୨୩୨ କୋଟି ଟଙ୍କାର ୫ଗୋଟି ଉଚ୍ଚ କ୍ଷମତା ସମ୍ପନ୍ନ ଉଠା ଜଳ ସେଚନ ପ୍ରକଳ୍ପ, ଟାଙ୍ଗରପାଲି ବ୍ଲକ୍‌ର ଉଜ୍ଜଳପୁର ଠାରେ ୨.୫୫ କୋଟି ଟଙ୍କା ମୂଲ୍ୟର ମାର୍କେଟ ୟାର୍ଡ ଓ ଗୋଦାମ ଗୃହ, ୩୩.୯୦ କୋଟି ଟଙ୍କାର ୧୪ ଗୋଟି ଅନୁସୂଚିତ ଜାତି ଓ ଜନଜାତି / ପଛୁଆ ବର୍ଗଙ୍କ ନିମନ୍ତେ ଛାତ୍ରାବାସ, ୨୩୭.୨୦ କୋଟି ଟଙ୍କାର ୬୬ ଗୋଟି ରାସ୍ତା ପ୍ରକଳ୍ପ, ୧୧.୫୦ କୋଟି ଟଙ୍କାର ୨୭୩ ଗୋଟି ପଂଚାୟତସ୍ତରୀୟ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଗୋଟିଏ କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସରଫଗଡ଼ ଠାରେ ୭୫ ଲକ୍ଷ ଟଙ୍କାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ୬.୪୭ କୋଟି ଟଙ୍କାରେ ନିର୍ମିତ ୨୩ ଗୋଟି ଅଙ୍ଗନୱାଡି କେନ୍ଦ୍ର, ୬୩.୨୯ କୋଟି ଟଙ୍କାରେ ନିର୍ମିତ ୪୭ ଗୋଟି ଗୋଷ୍ଠୀ ସଭା ଗୃହ, ୨୫.୩୭ କୋଟି ଟଙ୍କାରେ ନିର୍ମିତ ୮୫ ଗୋଟି ବିଦ୍ୟାଳୟ ଗୃହ,

▶▶ପୃଷ୍ଠା ୭

## ଆସାମରେ ୧୦ କୋଟି ଟଙ୍କାର ହେରୋଇନ୍ ଜବତ, ତିନି ତସ୍କର ଗିରଫ

କରିମଗଂଜ, ୧୦/୦୩ (ନି.ପ୍ର): କରିମଗଂଜର ନୂଆ ପୋଲିସ ଅଧିକ୍ଷକ ପାର୍ଥ ପ୍ରତିମ ଦାସ ପୁଣି ଡ୍ରଗ୍ସ କାରବାରରେ ଲିପ୍ତ ଥିବା ତସ୍କର ମାନଙ୍କ ବିରୋଧରେ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି । ଏସିପି ଦାସଙ୍କ ନେତୃତ୍ୱରେ ସିଭିଲ ଡ୍ରେସରେ ପୋଲିସର ଏକ ଦଳ ଶୁକ୍ରବାରଦିନ ଆସାମ-ମିଜୋରାମ ତଟବର୍ତ୍ତୀ ଅଂଚଳରେ ରେଡ କରିଛନ୍ତି ଏବଂ ୧୦ କୋଟି ଟଙ୍କାର ହେରୋଇନ୍ ଜବତ କରିବା ସହିତ ତିନିଜଣ ତସ୍କରଙ୍କୁ ଗିରଫ କରିଛନ୍ତି ।

## ୯ ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ସକ୍ରିୟ ପଶ୍ଚିମା-ଝଡ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୯ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ସେହିପରି ପଶ୍ଚିମା ଝଡ଼ ପ୍ରଭାବରେ ଉପକୂଳ ସମେତ ପାର୍ଶ୍ୱବର୍ତୀ ଅଂଚଳରେ ଆକାଶ ଆଂଶିକ ମେଘାଛନ୍ନ ରହିଛି ।

## ୩ୟ ଥର ପାଇଁ ଚୀନର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ସି-ଜିନପିଙ୍ଗ



ନୂଆଦିଲ୍ଲୀ, ୧୦/୦୩ : ପୁଣି ଥରେ ଚୀନର ରାଷ୍ଟ୍ରପତି ହେବେ ସି ଜିନ ପିଙ୍ଗ୍ । ୩ୟଥର ପାଇଁ ଜିନପିଙ୍ଗଙ୍କ ହାତକୁ ଆସିବାକୁ ଯାଉଛି ଚୀନର ଶାସନଭାର । ୧୪ତମ ନ୍ୟାସନାଲ ପିପୁଲସ କଂଗ୍ରେସର ବୈଠକରେ ସର୍ବସମତିରେ ଜିନପିଙ୍ଗ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଚୀନ ରାଜନୀତିରେ ଜିନପିଙ୍ଗ ହେଉଛନ୍ତି ଏକମାତ୍ର ରାଷ୍ଟ୍ରପତି ଯିଏ ସବୁଠୁ ଅଧିକ ସମୟ ଧରି ରାଷ୍ଟ୍ରମୁଖ୍ୟ ଭାବେ ଶାସନ କରୁଛନ୍ତି । ଗତ ଅକ୍ଟୋବରରେ ଚୀନ କମ୍ୟୁନିଷ୍ଟ ପାର୍ଟି ବା ସିସିପିର ମୁଖ୍ୟ ଭାବରେ ଜିନପିଙ୍ଗଙ୍କ କାର୍ଯ୍ୟକାଳକୁ ୫ବର୍ଷ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା । ରାଷ୍ଟ୍ରପତି ଦାୟିତ୍ୱ ମିଳିବା ସହ ତାଙ୍କୁ ଦେଶର କେନ୍ଦ୍ରୀୟ ସାମରିକ ଆୟୋଗର ମୁଖ୍ୟ ଭାବରେ ନିର୍ବାଚିତ କରାଯାଇଛି । ଏକଥା ମଧ ଚର୍ଚ୍ଚା ହେଉଛି କି ଦେଶରେ ଜିନପିଙ୍ଗଙ୍କ ଦଳ ବେଶ ମଜବୁତ ହୋଇସାରିଛି । ତେଣୁ ଆଗାମୀ ପ୍ରଧାନମନ୍ତ୍ରୀ ମଧ କମ୍ୟୁନିଷ୍ଟ ପାର୍ଟିରୁ ହେବା ଏକ ପ୍ରକାର ଥୟ ବୋଲି କୁହାଯାଉଛି ।

## ନବ ଦାସ ହତ୍ୟାକାଣ୍ଡ ମାମଲାରେ ବିଧାନସଭାରେ ହଟ୍ଟଗୋଳ



ଭୁବନେଶ୍ୱର, ୧୦/୦୩ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ଓଡିଶା ବିଧାନସଭାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆଜି ଠାରୁ ପୁଣି ଆରମ୍ଭ ହୋଇଛି । ଆଜି ବିଧାନସଭାରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କ ନବ ଦାସ ହତ୍ୟାକାଣ୍ଡ ମାମଲାରେ ହଟ୍ଟଗୋଳ କାରଣରୁ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାମ ହୋଇ ପାରି ନ ଥିଲା । ହଟ୍ଟଗୋଳ କାରଣରୁ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ । ଏହି କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଆଜି ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେଓଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ । ଶ୍ରୀ ଦେଓ ପ୍ରଶ୍ନର ଉତର ଦେବା ଆରମ୍ଭ କରିଥିଲେ । ହେଲେ ବିରୋଧୀ ବିଜେପି ଓ କଂଗ୍ରେସର ବିଧାୟକ ମାନେ ନବ ଦାସ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ନାରାବାଜୀ କରି ଥିବା ଦେଖିବାକୁ ମିଳିଥିଲା । ଉଭୟ ଦଳର ବିଧାୟକ ମାନେ ଗୃହର ମଧ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ଅନ୍ୟ ପକ୍ଷରେ ବିଭାଗୀୟ ମନ୍ତ୍ରୀ ତାଙ୍କର ଉତର ଦେବା ଜାରୀ ରଖିଥିଲେ । ହେଲେ ସ୍ଲୋଗାନ ଦିଆଯାଉଥିବା କାରଣରୁ ତାଙ୍କର ଉତର ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହେଉ ନ ଥିଲା । ବାଚସ୍ପତି ବିରୋଧୀ ବିଧାୟକ ମାନଙ୍କୁ ନିଜନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ମାନଙ୍କ ଉପରେ ତାଙ୍କର ଅନୁରୋଧର କୌଣସି ପ୍ରକାର ପ୍ରଭାବ ପଡି ନ ଥିଲା । ତେଣୁ ବାଚସ୍ପତି ବାଧ ହୋଇ ଗୃହକୁ ୧୦.୩୨ରୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ବିଧାୟକ ମାନେ ସେହି ସମାନ ପ୍ରସଙ୍ଗରେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ବାଚସ୍ପତି ରାଜ୍ୟର ଅର୍ଥ ମନ୍ତ୍ରୀଙ୍କୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଥିବା ପ୍ରସ୍ତାବ ସମ୍ପର୍କରେ ସୂଚନା ଦେବାକୁ ଡାକିଥିଲେ । ତଦନୁଯାୟୀ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ବିରୋଧୀଙ୍କ ହଟ୍ଟଗୋଳ ମଧରେ କ୍ୟାବିନେଟ ନିଷ୍ପତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ । ଏହା ସତ୍ୱେ ବିରୋଧୀ ମାନେ ନବ ଦାସ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ ଜାରୀ ରଖିଥିଲେ । ବାଚସ୍ପତି ଶ୍ରୀ ଆରୁଖ ୧୧.୩୭ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ରାଜ୍ୟ କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୮ଟି ପ୍ରସ୍ତାବ ପାରିତ ହୋଇଥିଲା । ଶୁକ୍ରବାର ବିଧାନସଭାରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ କ୍ୟାବିନେଟ୍ ନିଷ୍ପତି ସମ୍ପର୍କରେ ସୂଚନା ଦେଇଛନ୍ତି । ପ୍ରଚଳିତ ଓଡ଼ିଶା ସମବାୟ ସେବା ( ନିଯୁକ୍ତି ଓ ସେବା ସର୍ତାବଳୀ) ନିୟମ ୧୯୭୪ ଅନୁଯାୟୀ ସ୍ତର ୧୨ ରେ କୌଣସି ପଦବୀ ନଥିବାରୁ ଏକ ନୂତନ ପଦ ଯଥା ବରିଷ୍ଠ ସହକାରୀ ସମବାୟ ନିବନ୍ଧକ ପଦ ସୃଷ୍ଟି କରାଯିବା ସହିତ ଓଡ଼ିଶା ସମବାୟ ସେବା ( ନିଯୁକ୍ତି ଓ ସେବା ସର୍ତାବଳୀ) ନିୟମ ୧୯୭୪ ର ସଂଶୋଧନ ପୂର୍ବକ ସଂଶୋଧ ଓଡ଼ିଶା ସମବାୟ ସେବା ( ନିଯୁକ୍ତି ଓ ସେବା ସର୍ତ୍ତାବଳୀ ) , ୨୦୨୩ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ସେହିପରି ସାଧାରଣ ଭବିଷ୍ୟନିଧି ପାଣ୍ଠି (ଓଡ଼ିଶା) ନିୟମାବଳୀ , ୧୯୩୮ର ନିୟମରେ ଥିବା ବିଧି ବ୍ୟବସ୍ଥାରେ ପରିବର୍ତନ ଅଣାଯାଇ ଜମାରାଶି ବେତନର ଛଅ ପ୍ରତିଶତରୁ କମ୍ ଏବଂ ପ୍ରାପ୍ୟ ପୂର୍ଣ୍ଣ ବେତନଠାରୁ ଅଧିକ ହୋଇପାରିବ ନାହିଁ ବୋଲି ନିର୍ଦ୍ଧାରିତ ହେବା ସହିତ ସାଧାରଣ ଭବିଷ୍ୟନିଧ ପାଣ୍ଠି ( ଓଡ଼ିଶା ) ନିୟମାବଳୀ, ୧୯୩୮ର ସମ୍ପୃକ୍ତ ବିଧି ବ୍ୟବସ୍ଥାରେ ଆବଶ୍ୟକୀୟ ସଂଯୋଜନ ଦ୍ୱାରା ଏକ ଆର୍ଥିକ ବର୍ଷରେ ଜମାରାଶି (ବକେୟା ଦେୟ ସହ) ନିର୍ଦ୍ଧାରିତ ସୀମା ଅର୍ଥାତ୍ ପାଂଚଲକ୍ଷ ଟଙ୍କାରୁ ଅଧିକ ହେବ ନାହିଁ ବୋଲି ଆଗତ କରାଯାଇଥିବା ସଂଶୋଧନ ରାଜ୍ୟ କ୍ୟାବିନେଟ୍ର ଅନୁମୋଦନ ଲାଭ କରିଛି । କାର୍ଯ୍ୟ କ୍ଷେତ୍ରରେ ସରକାରଙ୍କର ବିଭିନ୍ନ ନୀତି ଓ ଯୋଜନାଗୁଡ଼ିକର ବାସ୍ତବ କାର୍ଯ୍ୟକାରିତା ଓ ତତ୍ ସଂକ୍ରାନ୍ତୀୟ ତଦାରଖ ପାଇଁ ଉପଯୁକ୍ତ ଅଧିକାରୀ ନିୟୋଜିତ କରାଯିବା ଲକ୍ଷ୍ୟରେ ସ୍ୱଳ୍ପ ସଂଚୟ କ୍ୟାଡରର ସୀମିତ ପୁନର୍ଗଠନ କରାଯାଇଛି । ଏହି କ୍ୟାଡର୍ ପୁନର୍ଗଠନ ପକ୍ରିୟା ସମ୍ପାଦନରେ କ୍ୟାଡରରେ ଥିବା ମୋଟ ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟାରେ କୌଣସି ପରିବର୍ତନ ହେବ ନାହିଁ ବୋଲି ଆଗତ ପ୍ରସ୍ତାବ ରାଜ୍ୟ କ୍ୟାବିନେଟର ଅନୁମୋଦନ ଲାଭ କରିଛି । ୧୩ , ୪୨୮ ସୁଲଭ ମୂଲ୍ୟ ଦୋକାନମାନଙ୍କର ଲାଇସେନ୍ସର ସମୟ ସୀମା ୩୧.୩.୨୦୨୩ ତାରିଖରେ ସମାପ୍ତ ହେଉଛି । ନିୟମାନୁଯାୟୀ ଯୋଗ୍ୟ ଡିଲରମାନଙ୍କର ଲାଇସେନ୍ସଗୁଡ଼ିକର ପୁନଃ ଏକ ବର୍ଷ ଅର୍ଥାତ ୧.୪.୨୦୨୩ ତାରିଖରୁ ୩୧.୩.୨୦୨୪ ତାରିଖ ପର୍ଯ୍ୟନ୍ତ ନବୀକରଣ କରାଯିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି । ଶ୍ୟାମଭକ୍ତ ମିଶ୍ର , ପରିଚାଳନା ନିର୍ଦ୍ଦେଶକ , ବୟନିକା ଏବଂ ନିର୍ଦ୍ଦେଶକ , ହସ୍ତଶିଳ୍ପ ( ଅତିରିକ୍ତ ଦାୟିତ୍ୱ )ଙ୍କୁ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ପଦବୀରେ ଦିଆଯାଇଥିବା ନିଯୁକ୍ତିକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଓଡିଶା ମୁଖ୍ୟ ବିଭାଗୀୟ ଦପ୍ତର

▶▶ପୃଷ୍ଠା ୭

## ଦୁଃଖ ଦେଇଗଲା ୩୬ ଘଣ୍ଟାର ନିଆଁ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଅଘଟଣର ଅଗ୍ନିକାଣ୍ଡ ସିନା ଟଳି ଯାଇଛି, କିନ୍ତୁ ସାଥିରେ ନେଇ ଆସିଥିବା ସଙ୍କଟ ଏବେ ବି ଜଳଜଳ ହୋଇ ଦେଖାଯାଉଛି । ଯାହା କିଛି ଥିଲା, ଜଳିପୋଡ଼ି ଛାରଖାର୍ ହୋଇଯାଇଛି । ଜୀବିକା ଦେଉଥିବା ଦୋକାନ ଏବଂ ବଞ୍ଚିବାର ସୁଯୋଗ ଆଣିଥିବା ବ୍ୟବସାୟ, ଯେତେବେଳେ ଆଖି ଆଗରେ ଉଜୁଡ଼ି ଯାଇଛି, ଏହାକୁ ଦେଖି ଅଚାନକ୍ ଅଚେତ୍ ହୋଇପଡ଼ିଛନ୍ତି ପୂର୍ଣ୍ଣିମା ମହାନ୍ତି । ପୂର୍ଣ୍ଣିମା, ସମ୍ରାଟ୍ ମାର୍କେଟରେ ପାର୍ଲରଟିଏ କରିଥିଲେ । ୧୦ ଲକ୍ଷ ଟଙ୍କାର ନିବେଶ କରି, ୪ ଜଣଙ୍କୁ ନିଯୁକ୍ତ ବି ଦେଇଥିଲେ । କେବଳ ପୂର୍ଣ୍ଣିମା କାହିଁକି, ଏହି ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ କରିଥିବା ୪୩ ଜଣ ବ୍ୟବସାୟୀଙ୍କ ମୁଣ୍ଡ ଉପରେ ପଡ଼ିଛି ଅଗ୍ନିକାଣ୍ଡର ଚଡ଼କ । କିଏ ଲକ୍ଷ ଲକ୍ଷ ଟଙ୍କାର ଲୋନ୍ କରି ଦୋକାନ କରିଥିଲେ ତ' ଆଉ କିଏ ଟଙ୍କା ଯୋଗାଡ଼ କରି ଜୁଏଲାରୀ ଦୋକାନ କରିଥିଲେ । ହେଲେ ଅଗ୍ନିକାଣ୍ଡ ଯୋଗୁଁ ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଛି ।

## ଚିନ୍ତା ବଢ଼ାଉଛି 'ଏଚ୍୩ଏନ୍୨' ଭୂତାଣୁ : ୨ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୧୦/୦୩ : ଚିନ୍ତା ବଢ଼ାଉଛି ଥଣ୍ଡା, ଜ୍ୱର ଓ କାଶ । ବିଭିନ୍ନ ରାଜ୍ୟରେ 'ଇନଫ୍ଲୁଏଞ୍ଜା-ଏ'ର ଉପ-ପ୍ରଜାତି 'ଏଚ୍୩ଏନ୍୨' ଭୂତାଣୁ ଦ୍ୱାରା ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆଗକୁ ଏହା ଆହୁରି ଅଧିକ ସଂକ୍ରାମକ ହେବ ବୋଲି ଆଶଙ୍କା କରାଯାଉଛି । ଆଉ ଏସବୁ ଭିତରେ ଏହି ଭୂତାଣୁରେ ଦେଶରେ ୨ଜଣଙ୍କର ମୃତ୍ୟୁ ହେବା ଖବର ଭୟକୁ ଆହୁରି ବଢ଼ାଇ ଦେଇଛି । କରୋନା ମହାମାରୀ ପରେ ଦେଶରେ ଏବେ ଚିନ୍ତା ବଢ଼ାଇଛି ଥଣ୍ଡା, ଜ୍ୱର, କାଶ । ଆଉ ଏହାର କାରଣ ହେଉଛି ଏଚ୩ଏନ୨ ଭୂତାଣୁ । ଅନେକ ରାଜ୍ୟରେ 'ଇନଫ୍ଲୁଏଞ୍ଜା-ଏ'ର ଉପ-ପ୍ରଜାତି 'ଏଚ୍୩ଏନ୍୨' ଭୂତାଣୁରେ ଲୋକେ ଆକ୍ରାନ୍ତ ହେବା ସହ ହସ୍ପିଟାଲରେ ଭର୍ତି ହେଉଛନ୍ତି । ଏହା ଅଧିକ ସଂକ୍ରାମକ ହୋଇଥିବାରୁ ରୋଗୀଙ୍କ ସଂଖ୍ୟା ବଢ଼ିବ ବୋଲି ସତର୍କ କରିଛି ଆଇସିଏମଆର । ଏହି ଭୂତାଣୁରେ ଦେଶରେ ପ୍ରଥମ ମୃତ୍ୟୁ ହେବା ସ୍ପଷ୍ଟ କରିଛି ସ୍ୱାସ୍ଥ୍ୟ ବିଭାଗ । କର୍ଣ୍ଣାଟକରେ ଜଣେ ୮୨ ବର୍ଷର ବୃଦ୍ଧ ଓ ହରିୟାଣାରେ ଜଣଙ୍କ ମୃତ୍ୟୁ ପରେ ସତର୍କ ଘଣ୍ଟି ବାଜିଛି । ସାଧାରଣ ସିଜିନାଲ୍ ଫ୍ଲୁ ବୋଲି ଲକ୍ଷଣ ରହୁଥିବା ବେଳେ ଦୀର୍ଘ ଦିନ ଧରି ଲୋକେ ଏଥିରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳୁଛି ।

## ସିଏଫଏସଏଲ ଯିବ ସନ୍ଦିଗ୍ଧ ପାରା

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ପାରାଦୀପ ସମୁଦ୍ରରୁ ଧରାପଡ଼ିଥିବା ସନ୍ଦିଗ୍ଧ ପାରାକୁ ସେଂଟ୍ରାଲ ଫୋରେନସିକ ସାଇନ୍ସ ଲ୍ୟାବ୍(ସିଏଫଏସଏଲ) ପଠାଯିବ । ଗତକାଲି ରାଜ୍ୟ ଫୋରେନସିକ ଲ୍ୟାବକୁ ପାରାକୁ ଅଣାଯାଇଥିବା ବେଳେ କୌଣସି ନିଷ୍କର୍ଷରେ ପହଂିପାରିନାହାନ୍ତି । ତେଣୁ ସନ୍ଦିଗ୍ଧ ପାରାକୁ କୋଲକାତା କିମ୍ବା ହାଇଦ୍ରାବାଦ ସ୍ଥିତ ସିଏଫଏସଏଲକୁ ପଠାଯିବ । ସେଠାରେ ପାରା ଦେହରେ ଥିବା ଲେଖା ଓ ଡିଭାଇସ୍ ଯାଂଚ ହେବ । ଜଗତସିଂହପୁର ଏସ୍‌ପି ରାହୁଲ ପି.ଆର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପାରା ଦେହରୁ ଜବତ ସ୍ପାଏ କ୍ୟାମେରା ଏବଂ ଇଲେକ୍ଟ୍ରୋନିକ ଚିପ ସାଇବର ଏକ୍ସପର୍ଟଙ୍କ ଦ୍ୱାରା ଯାଂଚ କରାଯିବ । ବିଶେଷଜ୍ଞମାନେ ଇଲେକ୍ଟ୍ରୋନିକ୍ସ ଡିଭାଇସଗୁଡିକରେ କ'ଣ ତଥ୍ୟ ରହିଛି ସେସବୁର ଆନାଲିସିସ୍ କରିବେ । ତା'ପରେ ସବୁକିଛି ସ୍ପଷ୍ଟ ହେବ । ସୂଚନାଯୋଗ୍ୟ ଯେ ପାରାଦୀପ ମୁହାଣ ଦେଇ କିଛି ମତ୍ସ୍ୟଜୀବୀ ଟ୍ରଲରରେ ମାଛ ଧରୁଥିବା ବେଳେ ଗୋଟିଏ ପାରା ଟ୍ରଲର ଚାରି ପାର୍ଶ୍ୱରେ ଘୁରି ବୁଲୁଥିଲା । ପାରା ଗୋଡ଼ରେ ସ୍ପାଏ କ୍ୟାମେରା ଖଞ୍ଜା ହୋଇଥିବା ଓ ସେଥିରେ ବିଦେଶୀ ଭାଷାରେ ଲେଖାଯାଇଥିବା ମତ୍ସ୍ୟଜୀବୀମାନେ ଦେଖିବାକୁ ପାଇଥିଲେ ।

# ଏମ୍‌କେସିଜିରେ ବାୟୋମେଟ୍ରିକ୍ସ ଉପସ୍ଥାନ ବାଧ୍ୟତାମୂଳକ



ବ୍ରହ୍ମପୁର, ୧୦/୦୩ (ନି.ପ୍ର): ଠକ ଡାକ୍ତରଙ୍କ ଉପରେ ଲଗାମ ଲଗାଇବା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ବାୟୋମେଟ୍ରିକ୍ସ ଉପସ୍ଥାନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଫଳରେ ଡାକ୍ତର କେଉଁ ସମୟରେ ଡାକ୍ତରଖାନା ଆସୁଛନ୍ତି ଏବଂ କେତେବେଳେ ଯାଉଛନ୍ତି ତା’ର ସଠିକ୍ ରେକର୍ଡ଼ ରଖାଯାଇ ପାରିବ ବୋଲି ଆଶା କରାଯାଉଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ବାୟୋମେଟ୍ରିକ୍ସ ଉପସ୍ଥାନକୁ ଦୀର୍ଘବର୍ଷ ହେଲା ବାଧ୍ୟତାମୂଳକ କରାଯାଇ ସାରିଛି । କର୍ମଚାରୀମାନେ ବାୟୋମେଟ୍ରିକ୍ସ ମେସିନ୍‌ରେ ଟିପଚିହ୍ନ ଦେଉଛନ୍ତି । କିନ୍ତୁ ଡାକ୍ତରଙ୍କ ପାଇଁ ଏଇବିଏଏସ୍(ଆଧାର ଏନାବଲ୍ଡ ବାୟୋମେଟ୍ରିକ୍ସ ଆଟେଡାନ୍ସ ସିଷ୍ଟମ୍) ବ୍ୟବସ୍ଥା କରାଯାଇଛି । ଯାହାକି ସିଧାସଳଖ ଏନ୍‌ଏମ୍‌ସି(ନ୍ୟାସନାଲ୍ ମେଡିକାଲ କମିସନ୍) ସହିତ ସଂଯୋଗ ରହିଛି । ଡାକ୍ତରଙ୍କ ଉପସ୍ଥାନ ରିପୋର୍ଟ ଏନ୍‌ଏମ୍‌ସି ନିକଟକୁ ପଠାଯାଉଛି ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ ।

ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ଡାକ୍ତରମାନେ ଠିକ୍ ସମୟରେ ଡ୍ୟୁଟିକୁ ଆସୁ ନଥିବା ଅଭିଯୋଗ ହୋଇଥିଲା । ଏପରିକି କିଛି ନିର୍ଦ୍ଦିଷ୍ଟ ଡାକ୍ତର ମେଡିକାଲକୁ ଆସି ଉପସ୍ଥାନ ଦେବା ପରେ ସେମାନେ ଘରୋଇ କ୍ଲିନିକ୍‌କୁ ଚାଲି ଯାଉଥିବା ନେଇ ଅଭିଯୋଗ ଆସିଥିଲା । ଏଣୁ ଏଭଳି ଡାକ୍ତରଙ୍କୁ ଧରିବା ପାଇଁ ଗତ ୨୦୧୧-୧୨ରେ ଏମ୍‌କେସିଜିରେ ବାୟୋମେଟ୍ରିକ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ତାହା କିଛିବର୍ଷ କାମ କରିବା ପରେ ମେସିନ୍ ଖରାପ୍ ହୋଇଯିବା ଯୋଗୁଁ ବାୟୋମେଟ୍ରିକ୍ସ ବ୍ୟବସ୍ଥା ଠପ୍ ହୋଇଯାଇଥିଲା । ଫଳରେ ପୁଣିଥରେ ଡାକ୍ତରମାନେ ତାଙ୍କ ଡ୍ୟୁଟିରେ ଅବହେଳା କରିବା ଆରମ୍ଭ କରି ଦେଇଥିଲେ । ଯାହାକୁ ନେଇ ରୋଗୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌କେସିଜିରେ ଗତ କିଛିବର୍ଷ ହେଲା ପୁଣିଥରେ ବାୟୋମେଟ୍ରିକ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଛି । କରୋନା ପାଇଁ ପ୍ରାୟ ଦୁଇବର୍ଷ ହେଲା ଏହି ବ୍ୟବସ୍ଥାକୁ ବନ୍ଦ କରାଯାଇଥିଲା । ହେଲେ କରୋନା କଟକଣା ଉଠିବା ପରେ ବାୟୋମେଟ୍ରିକ୍ସ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଥିବା ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି । ଏନ୍‌ଏମ୍‌ସିର ଗାଇଡ୍ ଲାଇନ୍ ଅନୁସାରେ କଲେଜର ଅଧ୍ୟାପକ, ଏସ୍‌ଆର ଓ ଟ୍ୟୁଟରଙ୍କ ପାଇଁ ଏଇବିଏଏସ୍ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି । ଅନ୍ୟ କର୍ମଚାରୀମାନଙ୍କ ପାଇଁ କେବଳ ସାଧାରଣ ବାୟୋମେଟ୍ରିକ୍ସ ବ୍ୟବସ୍ଥା ରହିଥିବା ଅଧ୍ୟକ୍ଷ ପ୍ରଫେସର ମିଶ୍ର କହିଛନ୍ତି । ମେଡିକାଲ କଲେଜରେ ପ୍ରାୟ ୧୫ଟି ଏଇବିଏଏସ୍ ମେସିନ୍ ଲାଗିଛି । ଏମ୍‌କେସିଜି ମେଡିକାଲ କଲେଜ, ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସହିତ ଇନ୍‌ଡୋର, ଆଉଟ୍‌ଡୋର ସହିତ ବିଭିନ୍ନ ବିଭାଗରେ ବାୟୋମେଟ୍ରିକ୍ସ ମେସିନ୍ ଲାଗିଛି । ସେହିପରି କଲେଜର ପ୍ରଶାସନିକ କୋଠାର ବିଭିନ୍ନ ସ୍ଥାନରେ ମଧ୍ୟ ଏଭଳି ମେସିନ୍ ଲାଗିଛି । କରୋନା ପରେ ଏହି ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

# କନ୍ଧମାଳରେ ରୌଦ୍ର ତାପ ମୁକାବିଲା ପାଇଁ ପରିଚାଳନା ପ୍ରସ୍ତୁତି ବୈଠକ

କନ୍ଧମାଳ, ୧୦/୦୩ (ନି.ପ୍ର): ଚଳିତ ୨୦୨୩ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଏବଂ ଜଳକଷ୍ଟ ଦୂର କରିବା ଉଦ୍ଦେଶ୍ୟରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ୍ ମୋଡ୍ରେ ଆଜି ଅନୁଷ୍ଠିତ ହୋଇଯାଇଛି ।

ଗ୍ରାମ ପଂଚାୟତ ସ୍ତରରେ ଥିବା ଜନ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ମାନଙ୍କ ମାଧ୍ୟମରେ ଅଂଶୁଘାତ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ କରଣୀୟ ଓ ଅକରଣୀୟ ତଥ୍ୟ ସମ୍ବଳିତ ପ୍ରଚାର ପତ୍ର ଜନସାଧାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ବିହିତ ପଦକ୍ଷେପ ନେବା ସହିତ ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ଓ.ଆର୍.ଏସ୍., ସାଲାଇନ୍, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା ପାଇଁ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଥିଲା । ସେହିପରି, ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧ ମହଜୁଦ କରିବା ସହିତ କଣ୍ଟ୍ରୋଲ୍ ରୁମ ଖୋଲିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା ।

ଜଳାଭାବଜନିତ ସମସ୍ୟା ଦୂର କରିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏତଦ୍‌ବ୍ୟତିତ, ଜନଗହଳି ସ୍ଥାନ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ପରିସର ମଧ୍ୟରେ କିମ୍ବା ନିକଟରେ ଅଚଳ ଥିବା ନଳକୂପ କିମ୍ବା ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ତୁରନ୍ତ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖୋଳିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଏବଂ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସୁବିଧା ନଥିବା ସ୍ଥାନ ମାନଙ୍କୁ କିମ୍ବା ତ୍ୱରିତ ମରାମତି ହୋଇପାରୁନଥିବା ସ୍ଥାନଗୁଡ଼ିକୁ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଇବା , ଜଳଛତ୍ର ସ୍ଥାପନ କରିବା, ଷ୍ଟାଣ୍ଡ ପୋଷ୍ଟଗୁଡ଼ିକର ଆବଶ୍ୟକୀୟ ମରାମତି କରିବା, ଜନସ୍ୱାସ୍ଥ୍ୟ ବିଭାଗୀୟ ଉପଖଣ୍ଡ ଅଧିକାରୀ ଏବଂ ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଥିଲା । ନିର୍ମାଣ ଶ୍ରମିକ କିମ୍ବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଶ୍ରମିକମାନଙ୍କୁ ଟାଣ ଖରାରେ ଶାରିରୀକ ପରିଶ୍ରମ ନ କରିବାକୁ ପରାମର୍ଶ ଦେବା, ଯାତ୍ରୀବାହି ବସ୍ରେ ଓ କାର୍ଯ୍ୟକ୍ଷେତ୍ରରେ ବିଶୁଦ୍ଧ ପାନୀୟ ଜଳ, ଓ. ଆ. ଏସ୍. ପ୍ୟାକେଟ୍ ଏବଂ ଆଶୁ ଚିକିତ୍ସାପାଇଁ ଔଷଧ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଥିଲା । ଅନୁଷ୍ଠିତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ବିଶ୍ୱରଞ୍ଜନ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ପଦାଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସେମାନଙ୍କ ବିଭାଗଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଜିଲ୍ଲା ଆପଦକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ବୈଠକକୁ ପରିଚାଳନା କରିବା ସହିତ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ ।

# ଆଇନସେବା ପ୍ରାଧିକରଣ ତରଫରୁ ମହିଳା ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୦/୦୩ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି । ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ମାନଙ୍କ ପାଇଁ କିପରି ଆଇନର ସୁବିଧା ପାଇପାରିବେ ସେନେଇ ଆଲୋକପାତ କରିଥିଲେ । ଆୟୋଜିତ ଏହି ଶିବିରରେ ଜେ.ଏମ୍.ଏଫ୍.ସି ଅମିତ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, କନ୍‌ସିଲେଟର ଲଳିତାଞ୍ଜଳୀ ଦାସ, ସୁରକ୍ଷା ଅଧିକାରୀ ଶ୍ରୀମତୀ ସଂଯୁକ୍ତା ମିଶ୍ର, ବରିଷ୍ଠ ଆଇନଜୀବି ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ମହିଳା ଦିବସ ପରିପ୍ରେକ୍ଷୀରେ ନିଜେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ୟାନେଲ ଲୟର, ପାରାଲିଗାଲ ଭଲେଣ୍ଟର ପ୍ରମୁଖ ଉପସ୍ଥିତ ଥିଲେ ।

## ବଦଳିଗୁଡାରେ ଅବକାରି ଚଢାଉ

ଜୟପୁର, ୧୦/୦୩ (ନି.ପ୍ର): ଦେଶି ମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବଦଳିଗୁଡା ଠାରେ ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରି ଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୮ ଶହ ଲିଟର ପୋଚ ଓ ୫୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

## ୧୦ କେଜି ଗଞ୍ଜେଇ ଜବତ: ୨ କୋର୍ଟଚାଲାଣ

କୋରେଇ, ୧୦/୦୩ (ନି.ପ୍ର): ପାଣିକୋଇଲି ପୁଲିସ ଦୁଇ ଗଞ୍ଜେଇ ବେପାରୀଙ୍କୁ ଧରିବାରେ ସକ୍ଷମ ହେବା ସହ ସେମାନଙ୍କ ନିକଟରୁ୧୦ କେଜି ଗଞ୍ଜେଇ ଜବତ କରିଛି । ପାଣିକୋଇଲି ଅଂଚଳରେ ତଥା ପାଣିକୋଇଲି ଦେଇ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚାଲାଣ କରାଯାଇଥାଏ । ଏକ ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରୀ ଚିନ୍ମୟୀ ବେହେରା ଏହି ବେପାରୀଙ୍କୁ ଧରିବା ନିମନ୍ତେ ଯୋଜନା କରିଥିଲେ । ଗଞ୍ଜେଇ ନେଇ ଦୁଇ ଜଣ ପାଣିକୋଇଲିରୁ ସଠିପୁର ବାଟରେ ଏକ ବନ୍ଦ ହୋଟେଲ ନିକଟରେ ରଖିଥିଲେ । ସେମାନେ ପୁଲିସକୁ ଦେଖି ହୋଟେଲ ପଛପଟ ଏକ ଘରେ ଲୁଚି ଯାଇଥିଲେ । ହେଲେ ପାଣିକୋଇଲି ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଧରାପଡିବା ପରେ ସେମାନଙ୍କ ଠାରୁ ଏକ ବସ୍ତା ଭର୍ତି ୧୦ କେଜି ଗଞ୍ଜେଇ ଉଦ୍ଧାର କରିଥିଲା । ଏନେଇ ଏକ ମାମଲା ୪୬/୨୩ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଗିରଫ ଦୁଇ ଜଣ ହେଲେ ବୌଦ୍ଧ ଜିଲ୍ଲା ଯୋଗୀ ଭୋଗ୍ରା ଗ୍ରାମର ଦାରୁ ବେହେରାଙ୍କ ପୁଅ ଭୋଳାନାଥ ବେହେରା (୩୮) ଓ ଯାଜପୁର ଜିଲ୍ଲା ସାନସୁଆର ବାଇଭୂୟାଁ ଗ୍ରାମର ଦୁର୍ଯ୍ୟୋଧନ ନାଥଙ୍କ ପୁଅ ଛବିଳ କୁମାର ନାଥ (୫୫) । ଆଜି ଦଫା ୨୦(ବି)(ଆଇଆଇ) (ବି) ୨୯ ଅଫ ଏନଡିପିଏସ୍ ଆକ୍ଟରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି ।

# ତାପ ସଂରକ୍ଷିତ ଯାନ ଓ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ଶୁଭାରମ୍ଭ




ଭୁବନେଶ୍ୱର , ୧୦/୦୩ (ନି.ପ୍ର): ରାଜ୍ୟରେ ସମସ୍ତ ଟିକାର ନିରାପଦ ପରିବହନ ପାଇଁ ରାଜ୍ୟ ଔଷଧ ନିଗମ ପକ୍ଷରୁ ୧୦ଟି ତାପ ସଂରକ୍ଷିତ ଯାନ କିଣାଯାଇଛି । ନୂତନ ଭାବେ କିଣା ଯାଇଥିବା ଏହି ଯାନଗୁଡ଼ିକ ରାଜ୍ୟ ଟିକା ସଂରକ୍ଷଣ ଭଣ୍ଡାର ଓ ୯ଟି ଆଞ୍ଚଳିକ ଟିକା ସଂରକ୍ଷଣ କେନ୍ଦ୍ରରେ ଅବସ୍ଥାପିତ ହେବ । ଏହାସହ ଗ୍ରାମାଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଓ ରକ୍ତ ସଂଗ୍ରହ ପାଇଁ ୫ଟି ରକ୍ତ ସଂରକ୍ଷଣ ଯାନ ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରକୁ ଯୋଗାଇ ଦିଆଯାଇଛି । ଗୁରୁବାର ଅପରାହ୍ଣରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

ଓଡ଼ିଶାରେ ଗୋଟିଏ ରାଜ୍ୟସ୍ତରୀୟ ଟିକା ସଂରକ୍ଷଣ ଭଣ୍ଡାର ରହିଥିବା ବେଳେ ୩୨ଟି ଜିଲ୍ଲା ଟିକା ଗଚ୍ଛିତ କେନ୍ଦ୍ର ଓ ୧୯୯୦ଟି ନିରାପଦ ଶୀତଳୀକରଣ କେନ୍ଦ୍ର ରହିଛି । ସମସ୍ତ ଟିକାକୁ ଗଚ୍ଛିତ ରଖି ରାଜ୍ୟବ୍ୟାପୀ ଅବସ୍ଥାପିତ ଟିକା ଭଣ୍ଡାର ଓ ଟିକାକରଣ କେନ୍ଦ୍ରକୁ ତାପ ସଂରକ୍ଷିତ ଯାନ ଦ୍ୱାରା ପଠାଇ ଟିକାର ଗୁଣାତ୍ମକମାନଙ୍କୁ ବଜାୟ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଟିକା ଶୀତଳୀକରଣ ବ୍ୟବସ୍ଥାର ଆବଶ୍ୟକତା ରହିଛି । ୧୦ଟି ତାପ ସଂରକ୍ଷିତ ଯାନ ଜରିଆରେ ରାଜ୍ୟବ୍ୟାପୀ ଟିକା ପରିବହନ ସୁରୁଖୁରୁରେ ହୋଇପାରିବ । ବାଲେଶ୍ୱର, ବଲାଙ୍ଗୀର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, କୋରାପୁଟ, ଫୁଲବାଣୀ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଏସବୁ ଯାନ ଅବସ୍ଥାପିତ ହେବ ।

ସେହିପରି ୨୦୧୯ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୯ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଯୋଗାଇ ଦିଆଯାଇଥିଲା । ଏସ୍‌ସିବି, ଏମ୍‌କେସିଜି, ବୁର୍ଲା ମେଡିକାଲ କଲେଜ, ବଲାଙ୍ଗୀର, ବାରିପଦା, ବାଲେଶ୍ୱର, ବରଗଡ଼ ଓ ଆରଜିଏଚ୍ ରାଉରକେଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଥିଲା । ଯାହାଫଳରେ ୨୦୨୦ ମସିହାରେ ରକ୍ତ ସଂଗ୍ରହ ଅନୁପାତ ୮୯,୯୧୭ ୟୁନିଟ୍‌ରୁ ବୃଦ୍ଧି ପାଇଁ ୨୦୨୨ ମସିହାରେ ଏହା ୧,୭୬,୭୪୭ ୟୁନିଟରେ ପହଞ୍ଚିପାରିଛି । ଏହି କାର୍ଯ୍ୟକ୍ରମର ପୁନଃ ଅଗ୍ରଗତି ପାଇଁ ଆଉ ୫ଟି ସଂପୂର୍ଣ୍ଣଭାବେ ବିକଶିତ ହୋଇଥିବା ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ କିଣାଯାଇଛି । ଏଥିରେ ରକ୍ତଦାତାଙ୍କ ପାଇଁ ଶଯ୍ୟା, ରକ୍ତ ସଂରକ୍ଷଣ ରେଫ୍ରିଜରେଟର, ରକ୍ତ ସଂଗ୍ରହ ମନିଟର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ସୁବିଧା ରହିଛି । ଏଥିପାଇଁ ସମୁଦାୟ ୨.୭କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହାଦ୍ୱାରା ରକ୍ତ ସଂଗ୍ରହ ବୃଦ୍ଧି ସହିତ ସଂଗୃହୀତ ରକ୍ତର ଗୁଣବତ୍ତା ବଜାୟ ରହିବ । ଆବଶ୍ୟକସ୍ଥଳେ ରକ୍ତ ଯୋଗାଇ ଦିଆଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ସଚିବ ଭି.କେ ପାଣ୍ଡିଆନ୍, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଡି.ବୃନ୍ଦା ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜୟପୁର ଓ ବୋରିଗୁମ୍ମା ବ୍ଲକକୁ ଭାଗ କରଯିବା ନେଇ ଦାବି

ଜୟପୁର, ୧୦/୦୩ (ନି.ପ୍ର): ଜୟପୁର ଓ ବୋରିଗୁମ୍ମା ବ୍ଲକର ଲୋକ ସଂଖ୍ୟା ଏବଂ ଦୁର୍ଗମ ଅଂଚଳର ଅଧିବାସୀ ଙ୍କ ସଂଖ୍ୟା ବଢିଛି । ଏବଂ ଲୋକଙ୍କ ଅସୁବିଧା ଓ ସମସ୍ୟା ବଢିବାରେ ଲାଗିଛି । ଏହି ବ୍ଲକରେ ବହୁ ଦୁର୍ଗମ ଅଂଚଳ ରହିଛି । ଯେଉଁ ଠାରେ ପ୍ରଶାସନର କୌଣସି ଉନ୍ନତିମୁଳକ ସୁବିଧା ସୁଯୋଗ ପାଇ ପାରୁ ନାହାନ୍ତି । ତେଣୁ ବ୍ଲକକୁ ଦୁଇ ଭାଗ କରି ଅନ୍ୟ ଏକ ବ୍ଲକ କରିବା ପାଇ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜିରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ସମାଜ ସେବି ବି ହରି ରାଓଙ୍କ ନେନ୍ତୃତ୍ୱରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକର ରଣ୍ଡାପାଲ୍ଲି ପଂଚାୟତର ରାମଗଡ, ବାରିଣୀପୁଟର ଚଡାପଦର ଏହିପରି ଅନେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପନୀୟ ଜଳର ଘୋର ଅସୁବିଧା ରହିଛି ।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଗ୍ରାମର ଉନ୍ନତି ପାଇଁ ଅର୍ଥ ଆସୁଥିବା ସତ୍ୱେ ପ୍ରଶାସନିକ ଅଧିକାରିଙ୍କ ଦ୍ୱାରା କାଯର୍ୟକାରି ହୋଇ ପାରୁ ନାହିଁ । ତେଣୁ ଜୟପୁର ବ୍ଲକକୁ ୨ଟି ବ୍ଲକ ଓ ବୋରିଗୁମ୍ମା ବ୍ଲକକୁ ୨ଟି ବ୍ଲକରେ ଭାଗ କଲେ ସମସ୍ତ ପଂଚାୟତର ସାଧାରଣ ଲୋକ ଉପକୃତ ହୋଇ ପାରିବେ ବୋଲି ଦର୍ଶାଯାଇଛି । ଏହି ଦାବି ପତ୍ରର ନକଲ କୋରାପୁଟ ଜିଲାପାଳ, ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଛି ।


# କନ୍ଧମାଳରେ ରୌଦ୍ର ତାପ ମୁକାବିଲା ପାଇଁ ପରିଚାଳନା ପ୍ରସ୍ତୁତି ବୈଠକ

କନ୍ଧମାଳ, ୧୦/୦୩ (ନି.ପ୍ର): ଚଳିତ ୨୦୨୩ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଏବଂ ଜଳକଷ୍ଟ ଦୂର କରିବା ଉଦ୍ଦେଶ୍ୟରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ୍ ମୋଡ୍ରେ ଆଜି ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ସ୍ତରରେ ଥିବା ଜନ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ମାନଙ୍କ ମାଧ୍ୟମରେ ଅଂଶୁଘାତ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ କରଣୀୟ ଓ ଅକରଣୀୟ ତଥ୍ୟ ସମ୍ବଳିତ ପ୍ରଚାର ପତ୍ର ଜନସାଧାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ବିହିତ ପଦକ୍ଷେପ ନେବା ସହିତ ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ଓ.ଆର୍.ଏସ୍., ସାଲାଇନ୍, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା ପାଇଁ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଥିଲା । ସେହିପରି, ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧ ମହଜୁଦ କରିବା ସହିତ କଣ୍ଟ୍ରୋଲ୍ ରୁମ ଖୋଲିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା । ଜଳାଭାବଜନିତ ସମସ୍ୟା ଦୂର କରିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏତଦ୍‌ବ୍ୟତିତ, ଜନଗହଳି ସ୍ଥାନ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ପରିସର ମଧ୍ୟରେ କିମ୍ବା ନିକଟରେ ଅଚଳ ଥିବା ନଳକୂପ କିମ୍ବା ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ତୁରନ୍ତ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖୋଳିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଏବଂ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସୁବିଧା ନଥିବା ସ୍ଥାନ ମାନଙ୍କୁ କିମ୍ବା ତ୍ୱରିତ ମରାମତି ହୋଇପାରୁନଥିବା ସ୍ଥାନଗୁଡ଼ିକୁ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଇବା, ଜଳଛତ୍ର ସ୍ଥାପନ କରିବା, ଷ୍ଟାଣ୍ଡ ପୋଷ୍ଟଗୁଡ଼ିକର ଆବଶ୍ୟକୀୟ ମରାମତି କରିବା, ଜନସ୍ୱାସ୍ଥ୍ୟ ବିଭାଗୀୟ ଉପଖଣ୍ଡ ଅଧିକାରୀ ଏବଂ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଥିଲା । ନିର୍ମାଣ ଶ୍ରମିକ କିମ୍ବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଶ୍ରମିକମାନଙ୍କୁ ଟାଣ ଖରାରେ ଶାରିରୀକ ପରିଶ୍ରମ ନ କରିବାକୁ ପରାମର୍ଶ ଦେବା, ଯାତ୍ରୀବାହି ବସ୍ରେ ଓ କାର୍ଯ୍ୟକ୍ଷେତ୍ରରେ ବିଶୁଦ୍ଧ ପାନୀୟ ଜଳ, ଓ. ଆର୍. ଏସ୍. ପ୍ୟାକେଟ୍ ଏବଂ ଆଶୁ ଚିକିତ୍ସାପାଇଁ ଔଷଧ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଥିଲା । ଅନୁଷ୍ଠିତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ବିଶ୍ୱରଞ୍ଜନ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ପଦାଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସେମାନଙ୍କ ବିଭାଗଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଜିଲ୍ଲା ଆପଦକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ବୈଠକକୁ ପରିଚାଳନା କରିବା ସହିତ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ ।


# ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୦/୦୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ୮୮ ତମ ଓଡିଶା ଦିବସ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓଡିଶା ଦିବସ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ର ଦିବସ ହୋଇ ଥିବାରୁ ଏହାକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ ।ଭାଷା ଭିତିରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଓଡ଼ିଆ ଭାଷା କୁ ନେଇ ଆମେ ଗର୍ବ କରୁଛନ୍ତି । ତେଣୁ ଏହି ପବିତ୍ର ଦିବସର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ପାଳନ କରିବାକୁ ସେ ଅନୁରୋଧ କରିଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଏଡିଏମଓ ଡା ବିରଜା ଶଙ୍କର ରଥ ପ୍ରମୁଖ ଯୋଗ ଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଅପ୍ରେଲ ୧ ତାରିଖ ପ୍ରାତଃ ୫ ଘଟିକା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବ । ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ । ଓଡିଶା ଦିବସ ଅବସରରେ ବିଭିନ୍ନ ସରକାରୀ ବେସରକାରୀ, ରାଷ୍ଟ୍ରାୟତ ଉଦ୍ୟୋଗ କାର୍ଯ୍ୟାଳୟ,ବ୍ୟାଙ୍କ ଇତ୍ୟାଦି ସେମାନଙ୍କ କାର୍ଯ୍ୟାଳୟ ଗୁଡିକୁ ଆଲୋକ ମାଳାରେ ସଜ୍ଜିତ କରିବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଗଲା । ସଂଧ୍ୟାରେ ସଂସ୍କୃତି ଭବନ ଠାରେ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଗତ ବର୍ଷ ମାନଙ୍କ ଭଳି ନୀଳଚକ୍ର ସାମାଜିକ ଓ ସାଂସ୍କୃତିକ ସଂଗଠନ ସହଯୋଗ ରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜନ କରାଯାଇ ଓଡିଶା ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ,ଅଗ୍ନିଶମ ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ କୁ ଅନୁରୋଧ କରାଯାଇଛି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପଂଚାୟତ ଅଧିକାରୀ ବଳରାମ ପୃଷ୍ଟି,କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଗଣମାଧ୍ୟମ ପ୍ରତିନିଧି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଯଜ୍ଞେଶ୍ୱର ମହାନ୍ତି, ଓଡିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୂର୍ଗା ମାଧବ କର,ଏସ ସି ଏସ କଲେଜ ଏନସିସି ଅଫିସର ଡ ସଞ୍ଜୟ କୁମାର ସୁନ୍ଦର ରାୟ, ସମାଜସେବୀ ଚକ୍ରଧର ମହାପାତ୍ର, ଶିବ ସୁନ୍ଦର ମିଶ୍ର, ବଦ୍ରି ମିଶ୍ର, ଅନାମ ଚନ୍ଦ୍ର ସାହୁ, ଗୀତାଞ୍ଜଳି ପଣ୍ଡା, ରବୀନ୍ଦ୍ରନାଥ ପଟ୍ଟନାୟକ, ସଂଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଏହି ଅକ୍ଷରର ମହିଳା ମାନଙ୍କୁ ଜୀବନ ସାଥି କରିବା ପରେ ଚମକି ଉଠେ ଆପଣଙ୍କ ଭାଗ୍ୟ : ଭାଗ୍ୟଶାଳୀ ହୁଅନ୍ତି ପୁରୁଷ

**ଭାଗ୍ୟଶାଳୀ ନାମ : ସମସ୍ତେ ସଫଳ ହେବାକୁ ଚାହାଁନ୍ତି । ଅନେକ ଲୋକ ଏଥିପାଇଁ ବହୁତ ପରିଶ୍ରମ କରନ୍ତି । ତଥାପି, ଭାଗ୍ୟର ଅଭାବ ହେତୁ ସେ ସଫଳତା ହାସଲ କରିବାକୁ ସକ୍ଷମ ନୁହଁନ୍ତି, କିନ୍ତୁ ବିବାହ ପରେ ହଠାତ୍ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାକୁ ଲାଗେ । ଯେତେବେଳେ ଭାଗ୍ୟର ଦ୍ୱାର ଖୋଲିଯାଏ, ସେମାନେ ସଫଳତାର ସିଢ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ସମୟରେ, ଜୀବନ ସାଥୀ ମଧ ବହୁତ ସମର୍ଥନ ପାଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ କୁହାଯାଇଛି । ଏପରି ପରିସ୍ଥିତିରେ, ଆଜି ଆମେ ଜାଣିବା ଯେ ବିବାହ ପରେ କେଉଁ ଲୋକଙ୍କ ଭାଗ୍ୟ ଖୋଲି ଥାଏ ।**




ଅକ୍ଷର ଏଫ : ଯେଉଁମାନଙ୍କର ନାମ ଏଫ ଅକ୍ଷରରୁ ଆରମ୍ଭ ହୁଏ ସେମାନଙ୍କ ଭାଗ୍ୟ ମଧ ବିବାହ ପରେ ହିଁ ଖୋଲିବା ଆରମ୍ଭ ହୁଏ । ଏପରି ଲୋକମାନେ କଠିନ ପରିଶ୍ରମ ଆଧାରରେ ବିବାହ ପରେ ବହୁତ ଟଙ୍କା ରୋଜଗାର କରନ୍ତି । ସେମାନଙ୍କର ଜୀବନରେ କିଛି ଅଭାବ ଆସେ ନାହିଁ । ଏହି ଅକ୍ଷର ଲୋକମାନଙ୍କର ପତି-ପତ୍ନୀ ବହୁତ ଭାଗ୍ୟବାନ ହେଇଥାନ୍ତି ।

ଅକ୍ଷର ଏଚ : ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବିବାହ ପରେ ଏହିପରି ଲୋକଙ୍କ ଭାଗ୍ୟ ବଦଳିଥାଏ, ଯାହାର ନାମ ଏଚ୍ ଅକ୍ଷରରୁ ଆରମ୍ଭ ହୋଇଥାଏ । ଏହିପରି ଲୋକମାନେ ହଠାତ୍ ବିବାହ ପରେ ସଫଳତାର ସିଢ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ଲୋକମାନେ ମଧ ନିଜ ଜୀବନସାଥୀଙ୍କଠାରୁ ବହୁତ ସହଯୋଗ ସମର୍ଥନ ପାଆନ୍ତି ।

ଅକ୍ଷର ଏମ : ଯେଉଁମାନଙ୍କର ନାମର ପ୍ରଥମ ଅକ୍ଷର ହେଉଛି ଏମ ସେମାନଙ୍କ ବିବାହ ପରେ ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ବିବାହ ପୂର୍ବରୁ କଠିନ ପରିଶ୍ରମ ପରେ ମଧ ସେମାନେ ଫଳାଫଳ ପାଆନ୍ତି ନାହିଁ, ବିବାହ ପରେ ସେମାନେ କଠିନ ପରିଶ୍ରମର ଫଳ ପାଇବା ଆରମ୍ଭ କରନ୍ତି । ବିବାହ ପରେ ସେମାନେ ସମାଜରେ ଏକ ଭଲ ପ୍ରତିଷ୍ଠା ପାଆନ୍ତି ।

ଅକ୍ଷର ପି : ପି ଅକ୍ଷରରୁ ଆରମ୍ଭ ହୋଇଥିବା ନାମ, ଯେଉଁମାନେ ବିବାହ ପୂର୍ବରୁ ସଂଘର୍ଷ କରନ୍ତି, କିନ୍ତୁ ବିବାହ ପରେ ସେମାନଙ୍କର ଶୋଇ ରହିଥିବା ଭାଗ୍ୟ ଜାଗ୍ରତ ହୁଏ । ଜୀବନ ସାଥୀଙ୍କ ସହ ଭଲ ଦିନ ଆରମ୍ଭ ହୁଏ । ବିବାହ ପରେ, ଏହି ଲୋକମାନେ ଜୀବନରେ ବହୁତ ଅଗ୍ରଗତି କରନ୍ତି ।



## ଆପଣଙ୍କର୍ ଗଳା ଦରଜ ହେଉଛି କି ? କରନ୍ତୁ ଏହି ଘରୋଇ ଉପଚାର୍

ଆପଣ ତଣ୍ଟି ଦରଜ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ଋତୁ ବଦଳିବା ମାତ୍ରେ ଅଧିକାଂଶ ସମୟରେ ଲୋକଙ୍କୁ ଥଣ୍ଡା, ଜ୍ୱର ଆଦି ହୋଇଥାଏ । ତଣ୍ଟି ଦରଜ ଥଣ୍ଡାର ଏକ ପ୍ରମୁ ?ଖ ଲକ୍ଷଣ । ବେଳେ ବେଳେ ତଣ୍ଟି ଦରଜ ଏତେ ବଢ଼ିଯାଏ ଯେ ପାଣି ପିଇବା ତ ଦୂରର କଥା ଛେପ ଢୋକିଲେ ବି କଷ୍ଟ ହୁଏ ।

ଋତୁକାଳୀନ ଅସୁସ୍ଥତା, ସଂକ୍ରମଣ, ବାୟୁ ପ୍ରଦୂଷଣ, ବଦହଜମି ଆଦି ତଣ୍ଟି ଦରଜର କାରଣ ହୋଇଥାଏ । ବେଳେ ବେଳେ ଏହି ସମସ୍ୟା ଔଷଧଠାରୁ ଶୀଘ୍ର ଘରୋଇ ଉପଚାରରେ କମିଥାଏ । ତେବେ ଚାଲନ୍ତୁ ଜାଣିବା କ'ଣ କରିବା ଦ୍ୱାରା ତଣ୍ଟି ଦରଜକୁ ହ୍ରାସ କରାଯାଇପାରେ ।



ନିୟମିତ ବ୍ୟବଧାନରେ ଗରମ ପାଣି କରି ଗଳାରେ ଗଳଗଳ ବା ଗର୍ଗଲିଂ କରିବା ତଣ୍ଟି ପାଇଁ ଖୁବ୍ ଭଲ ହୋଇଥାଏ । ଏପରି କରିବା ଦ୍ୱାରା ଖୁବ୍ ଶୀଘ୍ର ଉପଶମ ମିଳିଥାଏ ।

ତଣ୍ଟି ଦରଜ ସମୟରେ ଆପଣ ଗରମ ପାଣି ପିଇବ ?ାକୁ ଚେଷ୍ଟା କରନ୍ତୁ । ଅତିରିକ୍ତ ଗରମ ପାଣି ପିଇବା ଦ୍ୱାରା ପଟେ ଗରମ ହୋଇ କାଶ ହୋଇଥାଏ । ସେଥିପାଇଁ ଆପଣ ସାମାନ୍ୟ ଗରମ ପାଣି ପିଅନ୍ତୁ ।

ଆୟୁର୍ବେଦ କହେ ହଳଦୀରେ ଅନେକ ରୋଗ ଭଲ ହୋଇଥାଏ । ଏହା ସଂକ୍ରମଣକୁ ଦୂରେଇବାରେ ଔଷଧ ପରି କାମ କରେ । ଏଥିପାଇଁ ଆପଣଙ୍କ ତଣ୍ଟି ଦରଜ ଯଦି ସଂକ୍ରମଣ ହେତୁ ହେଉଥାଏ ତ ଆପଣ ହଳଦୀ ମିଶ୍ରଣ କରି ଗରମ ପାଣି ପିଅନ୍ତୁ ।

## ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ । ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ । ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ । ଏକ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ । ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ । ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ ।



## ଜୀବନ-ମନ୍ତ୍ର : ଗଣ୍ଡକୀ ନଦୀ ଓ ଶାଳଗ୍ରାମ ଶିଳା

'ମହାଭାରତ'ର ବନପର୍ବରେ ବର୍ଣ୍ଣିତ ହୋଇଛି, "ଗଣ୍ଡକୀଂତୁ ସମାସାଦ୍ୟ ସର୍ବତୀର୍ଥଜଳୋଦ୍ଭବାମ୍ (୮୪/୧୧୪) । ଅର୍ଥାତ୍ ସମଗ୍ର ତୀର୍ଥଜଳ ଏକତ୍ର ହୋଇ ଏହି ନଦୀକୁ ସୃଷ୍ଟି କରିଥିଲେ । ବହୁ ପ୍ରାଚୀନ କାଳର ଏକ ପୁରାଣ ବର୍ଣ୍ଣିତ ଉପାଖ୍ୟାନରୁ ଏହି ନଦୀର ଜନ୍ମ ବିବରଣୀର ସୂଚନା ମିଳିଥାଏ । ଏକଦା ଗୋଲୋକରେ ବାସ କରୁଥିବା ବୃନ୍ଦା ନାମକ ଏକ ସହଚରୀଙ୍କର କୃଷ୍ଣଙ୍କ ପ୍ରତି ଥିବା ପ୍ରୀତି ଏବଂ କୃଷ୍ଣଙ୍କର ତାଙ୍କ ପ୍ରତି ଥିବା ଆକର୍ଷଣରେ କ୍ଷୁବ୍ ?ଧ ହୋଇ, ଦେବୀ ରାଧା ତାଙ୍କୁ ମର୍ତ୍ତ୍ୟଲୋକରେ ଜନ୍ମ ନେବାପାଇଁ ଅଭିଶାପ ଦେଲେ । ଦୁଃଖିତା ବୃନ୍ଦା ମର୍ତ୍ତ୍ୟଲୋକ ଆସି କଠୋର ତପସ୍ୟାରେ ନିମଗ୍ନ ହେଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତାଙ୍କୁ ଆଶ୍ୱାସନା ଦେଲେ, ଯେ ନାରାୟଣ ତୁମର ଚିରନ୍ତନ ପ୍ରୀତିଭାଜନ ହେବେ । କିନ୍ତୁ ଏହି ଜନ୍ମରେ ନୁହେଁ । ବୃନ୍ଦା ଦେହତ୍ୟାଗ କଲେ ଏବଂ ପରବର୍ତ୍ତୀ ଜନ୍ମରେ ସେ ବୃଷଧ୍ୱଜଙ୍କର କନ୍ୟା ତୁଳସୀ ରୂପରେ ଜନ୍ମ ନେଲେ । ଶଙ୍ଖଚୂଡ଼ ନାମକ ଏକ ଦାନବ ସହିତ ତାଙ୍କର ବିବାହ ହେଲା । ଓଡ଼ିଆ ପୁରାଣରେ ଶଙ୍ଖଚୂଡ଼ର ନାଆଁ ଜଳନ୍ଧର । ଶଙ୍ଖଚୂଡ଼ ବରଲାଭ କରିଥିଲା । ଯେ ପର୍ଯ୍ୟନ୍ତ ତୁଳସୀ ସତୀ ହୋଇ ରହିଥିବେ, ସେ ପର୍ଯ୍ୟନ୍ତ ତା'ର ମୃତ୍ୟୁ ହେବ ନାହିଁ । ତେଣୁ ସେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଲୋକରେ ଘୋର ଅତ୍ୟାଚାର କଲା । ସେଥିରେ ଅତିଷ୍ଠ ହୋଇ ଦେବତାମାନେ ବିଷ୍ଣୁଙ୍କର ଶରଣ ପଶିଲେ । ଶିବଙ୍କୁ ଶଙ୍ଖଚୂଡ଼ ବଧ ନିମିତ୍ତ ଆୟୋଜନ କରିବାକୁ କହି ବିଷ୍ଣୁ ଶଙ୍ଖଚୂଡ଼ ରୂପ ଧାରଣ କରି ତୁଳସୀଙ୍କ ସହିତ ମିଳିତ ହେଲେ । ଶଙ୍ଖଚୂଡ଼ର ମୃତ୍ୟୁ ହେଲା । ତୁଳସୀ ବିଷ୍ଣୁଙ୍କର ଛଳନା ଜାଣିପାରି ତାଙ୍କୁ ପଥର ହେବାକୁ ଅଭିଶାପ ଦେଲେ । ବିଷ୍ଣୁଙ୍କର ଆଶୀର୍ବାଦରୁ ତୁଳସୀଙ୍କର ଚିତାଭସ୍ମରୁ ଏକ ନଦୀ ସୃଷ୍ଟି ହେଲା । ସମସ୍ତ ତୀର୍ଥଜଳ ଆସି ସେହି ନଦୀକୁ ପରିପୂର୍ଣ୍ଣ କଲେ । ବିଷ୍ଣୁ ସେହି ନଦୀରେ ଶାଳଗ୍ରାମ ଶିଳା ହୋଇ ରହିଲେ । ସେହି ଶିଳାକୁ ବିଷ୍ଣୁଶିଳା, ନାରାୟଣଶିଳା ଆଦି କୁହାଯାଏ । ସେ ଶିଳା ଗଣ୍ଡକୀ ନଦୀରେ ଦେଖାଯାଏ ।

ଏହି ନଦୀ ତିବ୍ବତର ଧଉଳିଗିରିରୁ ବାହାରି ଭାରତରେ ଆସି ଗଙ୍ଗାରେ ମିଶିଛି । ନେପାଳରେ ଏହାକୁ କାଳୀନଦୀ ତଥା ସପ୍ତଗଣ୍ଡକୀ କୁହାଯାଏ । କାରଣ ହିମାଳୟରୁ ବାହାରି ଥିବା ସାତଟି ଜଳଧାର ଏକତ୍ର ହୋଇ ଗଣ୍ଡକୀର ସୃଷ୍ଟି । ଶାଳଗ୍ରାମ ଶିଳା ଯୋଗୁଁ ଏହି ନଦୀର ଜଳ ଅତ୍ୟନ୍ତ ପବିତ୍ର । ଶାଳଗ୍ରାମ ସ୍ୱୟଂ ବିଷ୍ଣୁଙ୍କର ରୂପ ହୋଇଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ରୂପେ ଗ୍ରହଣ କରାଯାଏ ।



## ମାନସିକ ସ୍ତରରେ କିପରି ଫିଟ୍ ରହିବେ : ନିୟମିତ ଖାଇବାକୁ ପଡ଼ିବ ଏହିସବୁ ଖାଦ୍ୟ

*ଆମେ ଶାରୀରିକ ଭାବେ ସୁସ୍ଥ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମାନସିକ ଭାବେ ସୁସ୍ଥ ରହିବା ମଧ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ମାନସିକ ସ୍ତରରେ ସୁସ୍ଥ ଓ ଶକ୍ତିଶାଳୀ ରୁହେ, ତେବେ ସମସ୍ତ ପ୍ରକାର ଅସୁବିଧା ଓ ଚାପକୁ ସହଜରେ ପ୍ରତିରୋଧ କରିପାରିବ । ଏପରି କିଛି ଫୁଡ୍ ରହିଛି, ଯାହାକି ଆମକୁ ମାନସିକ ସ୍ତରରେ ଫିଟ୍ ରଖିବାରେ ସହାୟତା କରିଥାଏ । ଆସନ୍ତୁ ଆଲୋଚନା କରିବା ସେହି ଫୁଡ୍ ବିଷୟରେ ।*



◆ ଅଣ୍ଡାରେ ରହିଥିବା କିଛି ପୋଷକ ତତ୍ତ୍ୱ ଆପଣଙ୍କ ମାନସିକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫଲିକ୍ ଏସିଡ୍, ବାୟୋଟିନ, କୋଲାଇନ ଆଦି ମସ୍ତିଷ୍କର କୋଷିକାଗୁଡ଼ିର ବିକାଶରେ ସହାୟତା କରିଥାନ୍ତି ।

◆ ଦହି କେବଳ ଆମର ପାଚନ ତନ୍ତ୍ରକୁ ଠିକ୍ ରଖେ, ତା' ନୁହେଁ, ଏହା ଆମର ମସ୍ତିଷ୍କର କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ନିୟମିତ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଚାପକୁ କମ୍ କରିବାରେ ସହାୟତା କରିଥାଏ । ଯଦି ଆପଣ ଚିଡ଼ଚିଡ଼ା ସ୍ୱଭାବର ହୋଇଥାନ୍ତି, ତେବେ ମୁଡ୍ ଠିକ୍ କରିବାରେ ଦହି ସାହାଯ୍ୟ କରିଥାଏ ।

◆ ସବୁଜ ପନିପରିବା ପର୍ଯ୍ୟାପ୍ତ ମାତ୍ରାରେ ସେବନ କରୁଥିବା ଲୋକଙ୍କର ମସ୍ତିଷ୍କ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ଯାହା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ ।

◆ ଡାର୍କ ଚକୋଲେଟରେ ଥିବା କୋକୋଆ ଆମର ମସ୍ତିଷ୍କର ରକ୍ତସଞ୍ଚାଳନ ପ୍ରକିୟାକୁ ଠିକ୍ ରଖିଥାଏ । ଏତଦବ୍ୟତୀତ ଚକୋଲେଟରେ ଥିବା ଏକ ଉପାଦାନ ଆମର ମସ୍ତିଷ୍କର ଯୁବାବସ୍ଥା ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

## ୪୦ବର୍ଷ ପରେ ଡାଏଟରେ ସାମିଲ କରନ୍ତୁ ଏହି ଖାଦ୍ୟ : ସହଜରେ ଅତିକ୍ରମ କରିବେ ବୃଦ୍ଧାବସ୍ଥା

ସାଧାରଣତଃ ବୟସ ବଢି ଯେତେବେଳେ ୪୦ ଅତିକ୍ରମ କରେ ସେତେବେଳେ ଆମ ଶରୀର ଅଧିକ ଯତ୍ନ ଆବଶ୍ୟକ କରେ, ଏହି ବୟସରେ ପ୍ରାୟତଃ ଲୋକମାନେ ଅନେକ ପ୍ରକାରର ରୋଗର ସମ୍ମୁଖୀନ ହୋଇଥାନ୍ତି । ହୃଦରୋଗ, ରକ୍ତଚାପ, ଏପରି ପରିସ୍ଥିତିରେ ପୀଡିତ ହୁଅନ୍ତି, ଯଦି ସମ୍ପୂର୍ଣ୍ଣ ଡାଏଟ୍ ସମସ୍ୟା ଜଟିଳ ହୋଇପାରେ ଯଦି ଯତ୍ନ ନିଆଯାଏ ନାହିଁ ।ଯଦି ଏହି ବୟସରେ ଖାଦ୍ୟ ପାନୀୟ ଠିକ ରହିବ ନାହିଁ ତେବେ ସମସ୍ୟା ଜଟିଳ ହୋଇପାରେ । ଖାସକରି ଶୀତଦିନେ ଯତ୍ନ ନେବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ୪୦ବର୍ଷ ପରେ କେଉଁ ଖାଦ୍ୟ ଖାଇବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବ ।

ମାଛ– ବୃଦ୍ଧାବସ୍ଥାରେ ହୃଦୟର ଯତ୍ନ ନେବା ଏକ ଚିନ୍ତାର ବିଷୟ, ଏପରି ପରିସ୍ଥିତିରେ ତୁମେ ଟୁନା ଏବଂ ଅନ୍ୟାନ୍ୟ ମାଛ ଖାଇବା ଉଚିତ୍, କାରଣ ଏଥିରେ ପ୍ରଚୁର ପରିମାଣରେ ଓମେଗା -୩ ଫ୍ୟାଟ ଏସିଡ୍ ଥାଏ । ଓମେଗା ଫ୍ୟାଟ ଏସିଡ୍ ରକ୍ତଚାପ, ଲିପିଡସ୍, ଏବଂ ଅନିୟମିତ ହୃଦସ୍ପନ୍ଦନ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ।

ଶସ୍ୟ– ବୃଦ୍ଧାବସ୍ଥାରେ ଶସ୍ୟ ଖାଇବା ଉଚିତ୍ । ଯଦି ଆପଣ ପ୍ରତିଦିନ ତିନୋଟି ଶସ୍ୟ କିମ୍ବା ଅଧିକ ସେବନ କରନ୍ତି , ତେବେ ଆପଣଙ୍କର ହୃଦଘାତ ହେବାର ଆଶଙ୍କା କମିପାରେ । ଶସ୍ୟ ଆପଣଙ୍କ ଭଲ କୋଲେଷ୍ଟ୍ରୋଲକୁ ବୁଝାଇଥାଏ ଏବଂ ହୃଦଘାତ ହେବାର ଆଶଙ୍କା କମ କରିଥାଏ । ଆପଣ ଓଟସ୍, ବ୍ରାଉନ୍ ଚାଉଳ, ରାଇ, ବାର୍ଲି ସହିତ ଫାଇବର ଖାଦ୍ୟ ଖାଇବା ଉଚିତ୍ ।

ବିନ– ଏହା ଏମିତି ଏକ ପରିବା ଯାହା ପ୍ରୋଟିନରେ ଭରପୂର, ଏହା ସହିତ ପୋଟାସିୟମ୍ ଏବଂ ବି ଭିଟାମିନ୍ ମଧ ରହିଥାଏ, ଉଭୟ ହୃଦୟ ପାଇଁ ଭଲ । ଶୀତଦିନେ, ଆପଣ ବିଭିନ୍ନ ଉପାୟରେ ଏହାକୁ



ପ୍ରସ୍ତୁତ କରି ଖାଇ ପାରିବେ ଏବଂ ଖାଦ୍ୟରେ ବାଇଗଣ ଅନ୍ତର୍ଭୁକ୍ତ ମଧ କରିପାରିବେ ।

ଡାଳିମ୍ବ– ଡାଳିମ୍ବରେ ଏଲାଗିକ୍ ଏସିଡ୍ ନାମକ ଏକ ଭିଟାମିନ୍ ଥାଏ, ଯାହା ପାଇଁ ଡାଳିମ୍ବକୁ ଏକ ସୁପରଫୁଡ୍ କୁହାଯାଏ, ଏହା ଆପଣଙ୍କୁ ସୁସ୍ଥ ରଖିବା ଅତ୍ୟନ୍ତ ଉପଯୋଗୀ, ଏହି ଖାଦ୍ୟଗୁଡ଼ିକ ଧମନୀରେ ଚର୍ବି ଜମା ନହେବାରେ ସାହାଯ୍ୟ କରିଥାଏ । ଡାଳିମ୍ବ ବ୍ୟବହାର କରିବା ଦ୍ୱାରା ବୃଦ୍ଧି ହୋଇଥିବା କୋଲେଷ୍ଟ୍ରୋଲ୍ କୁ ଏହା ହ୍ରାସ କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ରାଜନୈତିକ ସଂକଟ...

ନେପାଳ ରାଷ୍ଟ୍ରପତି ନିର୍ବାଚନରେ ପ୍ରଧାନମନ୍ତ୍ରୀ ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ'ଙ୍କ ସମର୍ଥିତ ପ୍ରାର୍ଥୀ ରାମଚନ୍ଦ୍ର ପୌଡ଼େଲ ବିଜୟୀ ହୋଇଛନ୍ତି । ସେ ତାଙ୍କର ପ୍ରତିଦ୍ୱନ୍ଦୀ ପୂର୍ବତନ ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି (ସିପିଏନ-ୟୁଏମଏଲ) ସମର୍ଥିତ ପ୍ରାର୍ଥୀ ସୁବାଷ ନେମବାଙ୍ଗଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ସୁଦ୍ଧା ଏହି ଚିତ୍ର (ବିଜୟ) ଏକପ୍ରକାର ସୁନିଶ୍ଚିତ ହୋଇସାରିଥିଲା । କାରଣ ନେପାଳୀ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଶ୍ରୀ ପୌଡେଲଙ୍କୁ ଆଠଟି ରାଜନୈତିକ ଦଳ ସମର୍ଥନ କରୁଥିଲେ । ତେଣୁ ୮୮୪ ସଦସ୍ୟବିଶିଷ୍ଟ ଇଲେକ୍ଟୋରାଲ କଲେଜରେ (ଯାହାର ମୋଟ୍ ଭୋଟ ତୁଳନା ୫୨,୭୮୬) ଶ୍ରୀ ପୌଡେଲଙ୍କ ସପକ୍ଷରେ ୩୧,୭୧୧ ଖଣ୍ଡ ଭୋଟ ଥିବା ଗାଣିତିକ ହିସାବରୁ ଜଣାପଡ଼ିଥିଲା । ଔପଚାରିକତା ଦୃଷ୍ଟିରୁ ଶ୍ରୀନେମବାଙ୍ଗ ନିର୍ବାଚନ ଲଢ଼ିଥିଲେ ସତ, କିନ୍ତୁ ତାଙ୍କ ସପକ୍ଷରେ ସିପିଏନ-ୟୁଏମଏଲ ବ୍ୟତୀତ ଅନ୍ୟ ବିଶେଷ ଦଳ କିମ୍ବା ସଦସ୍ୟ ସମର୍ଥନ ଜଣାଇନଥିଲେ । ତେଣୁ ଦେଶର ତୃତୀୟ ରାଷ୍ଟ୍ରପତି ରୂପେ ରାମଚନ୍ଦ୍ର ପୌଡେଲ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି । ବର୍ତ୍ତମାନର ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୧୨ ତାରିଖ ଦିନ ଶେଷ ହେଉଛି । ନେପାଳରେ ୨୪୭ ବର୍ଷର ରାଜତନ୍ତ୍ରର ପତନ ପରେ ୨୦୦୮ ମସିହାଠାରୁ ସେଠାରେ ରାଜାଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ହିଁ ଦେଶର ସାମ୍ବିଧାନିକ ଶାସନ ମୁଖ୍ୟ ରୂପେ କାର୍ଯ୍ୟଭାର ସମ୍ଭାଳି ଆସୁଛନ୍ତି । ଏହି କ୍ରମରେ ରାମଚନ୍ଦ୍ର ଯାଦବ ଓ ବିଦ୍ୟାଦେବୀ ଭଣ୍ଡାରୀଙ୍କ ପରେ ଶ୍ରୀ ପୌଡେଲ ଏବଂ ଆଗାମୀ ପାଞ୍ଚବର୍ଷ ଲାଗି ସାମ୍ବିଧାନିକ ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିବେ । କିନ୍ତୁ ଜଟିଳ ଆର୍ଥିକ ସଂକଟ ସ୍ଥିତି ଦେଇ ଗତି କରୁଥିବା ନେପାଳର ଏହି ରାଷ୍ଟ୍ରପତି ନିର୍ବାଚନ ଏବେ କାଠମାଣ୍ଡୁରେ ଆଉ ଏକ ରାଜନୈତିକ ସଂକଟର ସୂତ୍ରପାତ ଘଟାଇଛି । ଏହାର କାରଣ ରାଷ୍ଟ୍ରପତି ପ୍ରାର୍ଥୀ ଚୟନକୁ ନେଇ । ଶ୍ରୀ ପୌଡେଲଙ୍କ ନାମକୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ ପ୍ରସ୍ତାବ କରିବାବେଳେ ତାହା ଅନ୍ୟ ପାଞ୍ଚଟି ଦଳର ସମର୍ଥନ ଲାଭ କରିଥିଲେ ସୁଦ୍ଧା ସିପିଏନ (ୟୁଏମଏଲ) ଏହାକୁ ଗ୍ରହଣ କରିନଥିଲେ । ଫଳରେ ଏହାର ନେତା ଶ୍ରୀ ଓଲି ନିଜସ୍ୱ ପ୍ରାର୍ଥୀ ଭାବେ ସୁବାଷ ନେମବାଙ୍ଗଙ୍କ ନାମ ପ୍ରସ୍ତାବ କରିଥିଲେ । ପୌଡେଲଙ୍କୁ ପ୍ରାର୍ଥୀ ରୂପେ ଚୟନ କରି ସରକାର ଗଠନ ସକାଶେ ଗତ ନଭେମ୍ବର ମାସରେ ହୋଇଥିବା ମେଣ୍ଟ ସର୍ତ୍ତରୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ ଓହରି ଯାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସର୍ତ୍ତ ଅନୁସାରେ, ନେପାଳୀ କଂଗ୍ରେସ ନିଜର ରାଷ୍ଟ୍ରପତି ପ୍ରାର୍ଥୀ ଦେବ । ଯଦି ଏ ସର୍ତ୍ତ ସତ ହୋଇଥାଏ ତେବେ ପ୍ରତି ଏବେ ବିପଦ ସୃଷ୍ଟିହେବା ସ୍ୱାଭାବିକ । କେ. ପି. ଶର୍ମା ଓଲି ଏହି ଘଟଣାକୁ କେନ୍ଦ୍ରକରି ମେଣ୍ଟ ସରକାରରୁ ନିଜ ଦଳର ସମର୍ଥନ ପ୍ରତ୍ୟାହାର କରିନେଇପାରନ୍ତି । ସେପରି ସ୍ଥଳେ ନେପାଳୀ କଂଗ୍ରେସକୁ ନିଜ ଦଳର ୮୯ଜଣ ସଦସ୍ୟଙ୍କ ବ୍ୟତୀତ ଏହାକୁ ସିପିଏନ୍-ଏମଏସ, ସିପିଏନ୍-ୟୁଏସ, ରାଷ୍ଟ୍ରୀୟ ଜନତା ପାର୍ଟି, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନମୋର୍ଚ୍ଚା, ନାଗରିକ ଉନ୍ମୁକ୍ତି ପାର୍ଟି ଏବଂ ଜନମତ ପାର୍ଟି ଆଦିଙ୍କ ଠାରୁ ସମର୍ଥନ ଲାଭ କରିବା ଅନିବାର୍ଯ୍ୟ ହୋଇପଡ଼ିବା । ତେବେ ଇତିମଧ୍ୟରେ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (ଆରପିପି) ଏବଂ ନାସନାଲ ଡେମୋକ୍ରୋଟିକ ପାର୍ଟି ସରକାରଙ୍କଠାରୁ ତାଙ୍କର ସମର୍ଥନ ପ୍ରତ୍ୟାହାର ଘୋଷଣା କରିସାରିଛନ୍ତି । ଆରପିପିର ଚାରିଜଣ ମନ୍ତ୍ରୀ (ଉପପ୍ରଧାନମନ୍ତ୍ରୀ ରାଜେନ୍ଦ୍ର ଲିଙ୍ଗଡେନଙ୍କ ସମେତ) ନିଜ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ତେଣୁ ପ୍ରଚଣ୍ଡଙ୍କ ସରକାର ଏକପ୍ରକାର ସଂକଟ ଭିତରକୁ ଠେଲି ହୋଇଚାଲିଛି । ପ୍ରଚଳିତ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ, ସଂଖ୍ୟାଗରିଷ୍ଠତା ହରାଇଲେ ସରକାରଙ୍କୁ ପ୍ରତନିଧି ସଭାରେ ଏକମାସ ମଧ୍ୟରେ ଆସ୍ଥା ଭୋଟର ସମ୍ମୁଖୀନ ହେବାକୁ ପଡ଼ିବ । ଓଲିଙ୍କ ସମର୍ଥନ ହାତଛଡ଼ା ହେବା ପରେ ପ୍ରଚଣ୍ଡ ନିଜ ସରକାରକୁ ବଞ୍ଚାଇବା ସକାଶେ କି ପ୍ରକାର ରଣନୀତି ଆପଣାଉଛନ୍ତି ତାହା ଲକ୍ଷ୍ୟ କରିବା କଥା । ୟୁଏମଏଲକୁ ବାଦ୍ ଦେଇ ସେ ଆଉ ଏକ ନୂଆ ମେଣ୍ଟ ଭିତରେ ଭିତରେ ଗଢୁଥିବା ଗଣମାଧ୍ୟମରେ ପ୍ରଚାରିତ ହୋଇଛି । କିନ୍ତୁ ଏକଥା ନିର୍ବିବାଦରେ କୁହାଯାଇପାରେ ଯେ, ୨୦୦୮ ମସିହାରେ ରାଜତନ୍ତ୍ରର ପତନ ପରେ ନେପାଳରେ କୌଣସି ସରକାର ପୂର୍ଣ୍ଣକାଳୀନ ଭାବେ ଶାସନ କ୍ଷମତାରେ ରହିପାରିନାହାଁନ୍ତି । ବିଗତ ଦେଢ଼ ଦଶନ୍ଧି ଭିତରେ ପ୍ରାୟ ଏକ ଡଜନରୁ ଅଧିକ ସରକାର ଗଠିତ ହୋଇଛି ଓ ସେସବୁର ପତନ ମଧ୍ୟ ଘଟିଛି । ତେଣୁ ରାଷ୍ଟ୍ରପତି ନିର୍ବାଚନ ପରେ ଏବେ ସରକାରକୁ ବଞ୍ଚାଇବା ଲାଗି ପ୍ରଚଣ୍ଡ କି ପ୍ରକାର ଉପାୟ ଆପଣାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ।

# ବିଦେଶରେ ଭାରତ ବିରୋଧୀ କାର୍ଯ୍ୟ

## ସୌମେନ୍ଦ୍ର ଜେନା



ଜେନେଭାରେ ନାମବିହୀନ ଭାରତ ବିରୋଧୀ ବ୍ୟାନର ସବୁ ସଡକ କଡରେ ଲାଗିବାକୁ ନେଇ ଭାରତର ବିଦେଶ ବିଭାଗ ସ୍ୱିଜରଲାଣ୍ଡର ରାଷ୍ଟ୍ରଦୂତଙ୍କୁ ନୂଆଦିଲ୍ଲୀରେ ସତର୍କ କରାଇଛନ୍ତି । ସେମିତି ଅଷ୍ଟ୍ରେଲିଆରେ କମ୍‌ଦିନ ମଧ୍ୟରେ ୪ଥର ମନ୍ଦିର ଉପରେ ଖାଲିସ୍ଥାନୀଙ୍କ ଆକ୍ରମଣ ହୋଇଛି । ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ନିକି ହେଲୀଙ୍କ ବିରୋଧରେ ଏନ୍ ଫୋଲ୍ଟର ନାମକ ଜଣେ ଲେଖିକା ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି । ଏସବୁ ଆକସ୍ମିକ ନୁହେଁ ବରଂ ଦୀର୍ଘଦିନ ଧରି ଚାଲି ଆସିଥିବା ପ୍ରଚାରର ପରିଣାମ । ସେମିତି ଆମେରିକାରେ ଜଷ୍ଟିସ ଫର୍ ଅଲ୍ ସଂଗଠନ ଓ ପାକ୍‌ର ଷଡଯନ୍ତ୍ରର ପରିଣାମ ହେଉଛି ବିଦେଶରେ ଭାରତକୁ ବଦନାମ କରିବାର ଅପପ୍ରୟାସ, ସ୍ୱେଚ୍ଛାସେବୀ ସଂଗଠନ ନାମରେ ଅସ୍ୱଚ୍ଛ କାର୍ଯ୍ୟର ସ୍ପଷ୍ଟ ଉଦାହରଣ । କୋସୋଭୋ ଠାରୁ ବହୁ ଦୂରରେ କୋସୋଭା ଟାସ୍କ ଫୋର୍ସ ନାମରେ ସଂଗଠନ ଗଢାଯିବା ପରି କାଶ୍ମୀରଠାରୁ ଦୂରରେ ରହି ଏହି ସଂଗଠନ ଭିନ୍ନ ଭିନ୍ନ ନାମରେ ଚାନ୍ଦା ସଂଗ୍ରହର ଅଭିଯାନ ଜାରି ରଖିଛି । ଜଷ୍ଟିସ ଫଲ୍ ଅଲ୍ ଅନେକଗୁଡିଏ ପ୍ରକଳ୍ପ ଆମେରିକାରୁ ଭିନ୍ନ ଭିନ୍ନ ଦେଶକୁ ନିୟନ୍ତ୍ରଣ କରିବା ପାଇଁ, ଚାନ୍ଦା ଆଦାୟ ପାଇଁ ଚଳାଇଛି । ଏହା ମାଧ୍ୟମରେ ବର୍ଷା ସାରା ପ୍ରଚାର ଯୁଦ୍ଧ ଚାଲୁ ରହିବ ଏବଂ ଅର୍ଥାଗମ ଧାରା ଜାରିରହିବ । ଏହି ସବୁ ପ୍ରକଳ୍ପ ହେଲା ଶ୍ରୀଲଙ୍କା ଟାସ୍କ ଫୋର୍ସ, ଫ୍ରି କାଶ୍ମୀର, ସେଭ୍ ୟୁଘୁର, ଫ୍ରି ସବିର ଶାହ, ସେଭ୍ ଇଣ୍ଡିଆ, ଫେଥ୍ କୋଆଲିସନ, ବର୍ମା ଟାସ୍କ ଫୋର୍ସ । ଏସବୁ ପ୍ରକଳ୍ପ ଆରମ୍ଭ କରିବା ପୂର୍ବରୁ ଜେଏଫ୍‌ଏ ବର୍ମା ମୁସଲିମ ଏବଂ ବଙ୍ଗଳାଦେଶ ଆଲର୍ଟ ନାମରେ ଦୁଇଟି ପ୍ରକଳ୍ପ ଚଳାଉଥିଲେ ମଧ୍ୟ ପାକ୍ ସଂପର୍କରେ ଗୋଟିଏ ମଧ୍ୟ ପ୍ରକଳ୍ପ କରିନାହିଁ ।

୫ ଅଗଷ୍ଟ ୨୦୧୯ରେ ଭାରତ ସରକାର କାଶ୍ମୀରରୁ ଧାରା ୩୭୦ ହଟାଇବା ପରେ ଫ୍ରି କାଶ୍ମୀର ପ୍ରକଳ୍ପ ଆରମ୍ଭ ହୋଇଥିଲା । ଆମେରିକାରେ ଥିବା ଅନେକଗୁଡିଏ ଭାରତୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ୭ ଅଗଷ୍ଟ ୨୦୧୯ରେ ଆମେରିକାରେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରଠାରୁ କାର୍ଯ୍ୟକ୍ରମ ହୋଇ ୧୩ ଅଗଷ୍ଟ ୨୦୧୯ରେ ଏହାର ୱେବସାଇଟ ଖୋଲାଯାଇଥିଲା, ଯାହାର ନାମଥିଲା କାଶ୍ମୀର ଆକ୍ସନ୍ ଡଟ୍ ଓଆର୍‌ଜି । ଏହା ଆରମ୍ଭ ହେବାପରେ ଷ୍ଟାଣ୍ଡ୍ ୱିଥ୍ କାଶ୍ମୀର, ୱାର୍ଲ୍ଡ କାଶ୍ମୀର ଫ୍ରୀଡମ୍ ମୁଭମେଣ୍ଟ, ଦି ଜଷ୍ଟିସ ଫାଉଣ୍ଡେସନ, କାଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନେସନାଲ ସଂଗଠନ ସହ ମିଶି କାର୍ଯ୍ୟ କଲା । ଆମେରିକାରେ କାଶ୍ମୀର ନାମରେ ଅନେକଗୁଡିଏ ସଂସ୍ଥା ବର୍ଷସାରା କାମ କରିବାକୁ ଚାନ୍ଦା ସଂଗ୍ରହ କରିଥାନ୍ତି କିମ୍ବା ପାକ୍‌ରୁ ନିୟମିତ ଅର୍ଥ ପାଇଥାନ୍ତି । ପାକ୍ ସରକାର ବିଦେଶରେ ଭାରତ ବିରୋଧୀ ପ୍ରଚାର ପାଇଁ ଯେଉଁ ଅର୍ଥ ଦେଇଥାନ୍ତି ସେଥିରୁ ଅଧିକ ଆମେରିକା, ବ୍ରିଟେନ, କାନାଡାରେ ଉପଯୋଗ ହୋଇଥାଏ ।

ଆମେରିକାରେ କାର୍ଯ୍ୟରତ ଜମାତର ଦ୍ୱିତୀୟ ପିଢୀ ତଥା ଘୁଲାମ ନବି ଫାୟିର ପିଲାମାନେ ଏବଂ ତାର ବନ୍ଧୁ ସଂଗଠନ କାଶ୍ମୀର ଆମେରିକାନ୍ କାଉନସିଲ ହିଁ ଷ୍ଟାଣ୍ଡ୍ ୱିଥ୍ କାଶ୍ମୀର (ଏସ୍‌ଡବ୍ଲୁକେ)କୁ ଚଳାଉଛନ୍ତି । ଘୁଲାମ ନବି ଫାୟିଙ୍କ ସହଯୋଗୀ ମହମ୍ମଦ ଅକ୍ରାମ ଦରର ପୁଅ ଐଜାଜ୍ ଦର ଷ୍ଟାଣ୍ଡ୍ ୱିଥ୍ କାଶ୍ମୀର ସଂସ୍ଥାର ସଂସ୍ଥାପକ । ତାଙ୍କ ସହ କାଶ୍ମୀର ଆମେରିକାନ କାଉନସିଲର ୟୁସୁଫ ଫାଜିଲିର କନ୍ୟା ହଫସା କଞ୍ୱାଲ ଏବଂ ସମୀରା ଫାଜିଲି ରହିଛନ୍ତି । ଅନ୍ୟଜଣେ ଖାଲିସ୍ଥାନୀ ସମର୍ଥକ ହୁମା ଦର ମଧ୍ୟ ସେମାନଙ୍କ ସହ ରହିଛନ୍ତି । କାଶ୍ମୀରକୁ ଭାରତଠାରୁ ଅଲଗା କରିବାଲାଗି ଏମାନେ ଆମେରିକାରେ ଭାରତ ବିରୋଧୀ ପ୍ରଚାର ଯୁଦ୍ଧ ଜାରି ରଖିଛନ୍ତି । ସେମାନଙ୍କ ଛଡା ଅନ୍ୟ ଏକ ସଂଗଠନ 'ୱାର୍ଲ୍ଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ' ଆଇଏସ୍‌ଆଇର ବ୍ୟକ୍ତି ସ୍ୱର୍ଗତ ମହମ୍ମଦ ଅୟୁବ ଠାକୁର ଦ୍ୱାରା ବ୍ରିଟେନରେ ଆରମ୍ଭ ହୋଇଥିଲା । ୧୩ଜୁଲାଇ ୧୯୯୧ରେ ସଂସ୍ଥା ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରିଥିଲା, ଯେଉଁଥିରେ ସିନେଟର ମୁସାହିଦ ହୁସେନ ଯୋଗ ଦେଇଥିଲେ । ଅୟୁବ ଠାକୁରର ମୃତ୍ୟୁପରେ ସଂସ୍ଥା ବନ୍ଦ ହୋଇ ଯାଇଥିଲା । ୨୦୧୬ରେ ଅୟୁବର ପୁଅ ମୁଜାମ୍ମିଲ ଅୟୁବ ଠାକୁର ପୁନର୍ବାର ପାକ୍ ସହଯୋଗରେ ସଂସ୍ଥାକୁ ପଞ୍ଜିକୃତ କରି ପ୍ରଚାର ଚଳାଇଛି । ସେହିପରି ଅୟୁବ ଦ୍ୱାରା ୨୦୦୩ରେ ଦି ଜଷ୍ଟିସ ଫାଉଣ୍ଡେସନ ଆରମ୍ଭ ହୋଇଥିଲା । ପରେ ସଂସ୍ଥାକୁ ଘୁଲାମ ନବି ଫାୟି ହାତକୁ ନେଇଥିଲା, ଯାହା ୨୦୧୫ରେ ଭାଙ୍ଗି ଯାଇଥିଲା । ମୁଜାମିଲ ଠାକୁର ଅକ୍ଟୋବର ୨୦୧୬ରେ ପୁନର୍ବାର ଏହାକୁ ପଞ୍ଜିକୃତ କରି କାର୍ଯ୍ୟାରମ୍ଭ କରିଛି ।

ଭାରତରୁ କାଶ୍ମୀରକୁ ବିଚ୍ଛିନ୍ନ କରିବା ଉଦ୍ଦେଶ୍ୟ ନେଇ ଜେଏଫ୍‌ଏ ସଂଗଠନ ଆମେରିକାରେ କିଛି ଲୋକଙ୍କୁ କାର୍ଯ୍ୟରେ ଲଗାଇଛି, ଯାହା ପାକ୍ ପଛରେ ସରକାରଙ୍କ ସମର୍ଥନ ରହିଛି । ସେହି ବ୍ୟକ୍ତିମାନେ ହେଲେ ଆମେରିକାର ପାକ୍ ରାଷ୍ଟ୍ରଦୂତ ମସୁଦ ଖାଁ, ମୁହମ୍ମଦ ଅୟୁବ ଠାକୁରର ପୁଅ ମୁଜାମ୍ମିଲ ଠାକୁର, ମୁଜାଫରାବାଦରେ ହୁରିୟାତ ସଂଯୋଜକ ଭାବେ କାର୍ଯ୍ୟ କରିଥିବା ଘୁଲାମ ମହମ୍ମଦ ସାଫିର କନ୍ୟା ସାଇସ୍ତା ସାଫି, କାଶ୍ମୀରର ମହିଳା ସନ୍ତ୍ରାସୀ ନେତ୍ରୀ ଆସିୟା ଅନ୍ଦ୍ରାବୀର ପୁଅ ଅହମ୍ମଦ ବିନ କାଶିମ, କ୍ରିଟିକାଲ କାଶ୍ମୀର ଷ୍ଟଡିଜର ସହ ସଂସ୍ଥାପକ ଡକ୍ଟର ଅଥର ଜିଆ, କାଶ୍ମୀରୀ ଆମେରିକାନ ଆସୋସିଏନର ନିର୍ଦ୍ଦେଶକ ସର୍ଦ୍ଦାର ଜୁଲଫିକର ଅଲି ଖାଁ । ୨୫ ଜୁଲାଇ ୨୦୨୦ରେ ଫ୍ରି କାଶ୍ମୀର ପକ୍ଷରୁ ଆୟୋଜିତ ୱେବିନାରକୁ ଉପରୋକ୍ତ ବ୍ୟକ୍ତିମାନଙ୍କ ଛଡା ଅବଦୁଲ ମାଜିଦ ମୁଜାହିଦ ଏବଂ ହେନା ଜୁବେରିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତା ପୂର୍ବରୁ ୧୫ମଇ ୨୦୨୦ରେ ଜେଏଫ୍‌ଏ ପକ୍ଷରୁ କାଶ୍ମୀର ସଂକ୍ରାନ୍ତରେ ୱେବିନାର ହେନା ଜୁବେରି ଆୟୋଜନ କରି ମୁଜାମ୍ମିଲ ଠାକୁର ଏବଂ ତା ପତ୍ନୀ ସାଇସ୍ତା ସାଫିଙ୍କୁ ସାମିଲ କରିଥିଲେ ।

ଏଠାରେ ଉଲ୍ଲେଖନୀୟ ବିଷୟ ହେଲା ଯେ ୨୦୧୯ରେ ଅଲ୍ ପାର୍ଟି ହୁରିୟାତ୍ କନ୍‌ଫରେନ୍ସରୁ ସ୍ୱର୍ଗତ ସୟଦ ଅଲି ଶାହ ଜିଲାନୀ ଇସ୍ତଫା ଦେଇଥିଲେ । ସେ ଥିଲେ ଏହାର ଅଧ୍ୟକ୍ଷ । ସୈସ୍ତା ସାଫିଙ୍କ ପିତା ଓ ପାକ୍ ଅଧିକୃତ କାଶ୍ମୀର ନେତା ଘୁଲାମ ମହମ୍ମଦ ସାଫିଙ୍କ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା । ୨୦୧୯ରେ ସୟଦ ଜିଲାନୀ ଘୁଲାମ ମହମ୍ମଦ ସାଫିଙ୍କୁ ଦାୟିତ୍ୱରୁ ହଟାଇ ହିଜବୁଲ ମୁଜାହିଦ୍ଦୀନର ଜଣେ ପୂର୍ବତନ ସଦସ୍ୟଙ୍କୁ ପାକ୍ ଅଧିକୃତ କାଶ୍ମୀରର ଆଲ ପାର୍ଟି ହୁରିୟାତ ସଂଯୋଜକ କରିଥିଲେ । ୨୦୧୮ରେ ଗିଲାନୀ ସାଫିଙ୍କ ବିରୁଦ୍ଧରେ ଅର୍ଥ ତୋଷରପାତର ଅଭିଯୋଗ ଆଣିଥିଲେ । ଡାକ୍ତରୀ ପଢିବା ପାଇଁ ପାକ୍ ଯାଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ସାଫି ସିଟ୍ ବିକ୍ରି ପାଇଁ ଚାନ୍ଦା ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା । ଅବଶ୍ୟ ସେହି ଅଭିଯୋଗ ସତ୍ୟ ଥିଲା । କାରଣ ଏନ୍‌ଆଇଏର ତଦନ୍ତରୁ ତାହା ଗଣମାଧ୍ୟମକୁ ଆସି ସାରିଥିଲା । ତେବେ ଜିଲାନୀଙ୍କୁ ହଟାଇ ସାଫିଙ୍କୁ ଦାୟିତ୍ୱ ଦେବାଲାଗି ଆଇଏସ୍‌ଆଇ ଚାହୁଁଥିଲା । କଥା ହେଲା ଯେ କାଶ୍ମୀର ନାମରେ ଆଇଏସ୍‌ଆଇ ଅର୍ଥ ଦେଉଥିବା ହେତୁ ନିଜ ସୁବିଧା ପାଇଁ ସାଫିଙ୍କୁ ଦାୟିତ୍ୱ ଦେଇ ନିଜ ହାତମୁଠାକୁ ଟାଣ କରିବାକୁ ଚାହୁଁଥିଲା । କାଶ୍ମୀର ରାଜନୀତିରେ ଆଇଏସ୍‌ଆଇର ପ୍ରମୁଖ ଭୂମିକା ରହିଥିଲା ।

ଏବେ ପୁଣି ଆମେରିକାରେ ସ୍ୱେଚ୍ଛାସେବୀଙ୍କ ଷଡଯନ୍ତ୍ର କଥା ବିଚାର କରାଯାଉ । ଏଥିରେ ଯେଉଁ ଯେଉଁ ଲୋକେ ସାମିଲ ରହିଛନ୍ତି ସେମାନଙ୍କ ପରିଚୟ ଜାଣିବା ନିହାତି ଜରୁରୀ । ଏମାନଙ୍କ ମଧ୍ୟରୁ ମହମ୍ମଦ ଅବଦୁଲ ଜବ୍ବାର ଅନ୍ୟତମ । ଜବ୍ବାର ଆମେରିକାବାସୀ ପାକିସ୍ଥାନୀ । ତାର ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନର ଅନୁଭୂତି ରହିଥିଲା । ଥିଓଲୋଜୀରେ ପିଏଚ୍‌ଡି ହାସଲ କରିଥିବା ଜବ୍ବାର ସେପ୍ଟେମ୍ବର ୨୦୧୯ରୁ ଫ୍ରି କାଶ୍ମୀର ପ୍ରକଳ୍ପର ମୁଖ୍ୟ ଭାବରେ କାର୍ଯ୍ୟରତ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ମନୁସ୍ମୃତି ମନୁବାଦ ଓ ମନୁ

## ଗୋପାଳ ମହାପାତ୍ର



ଦେଶରେ ବର୍ଣ୍ଣ ଓ ଜାତି ବ୍ୟବସ୍ଥାକୁ ନେଇ ଅନେକ ସମୟରେ ହୋ ହଲ୍ଲା ଚାଲିଛି । ଏ ବ୍ୟବସ୍ଥାର ଜନକ ବୋଲି କୁହାଯାଇ ମନୁଙ୍କୁ ମଧ୍ୟ ନିନ୍ଦା କରାଯାଉଛି । ପ୍ରଶ୍ନ ଉଠେ ପ୍ରକୃତରେ କ'ଣ ମନୁବାଦ ଓ ମନୁସ୍ମୃତିର ପ୍ରଣେତା ମନୁକଥା ହେଉଛି, ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିଶିଷ୍ଟତା ରହିଛି । ବିଶ୍ୱର ଅନ୍ୟସବୁ ସଭ୍ୟତା ତୁଳନାରେ ଭାରତରେ ବିଶେଷ ପ୍ରକାରର ସଂସ୍କୃତି ପ୍ରବାହମାନ । ଦାର୍ଶନିକ ସ୍ତରରେ ସମସ୍ତ ଜୀବ ଏବଂ ମନୁଷ୍ୟ ଏକ ପରମଶକ୍ତିଙ୍କ ଅଭିବ୍ୟକ୍ତି ଅଟନ୍ତି । କିନ୍ତୁ ସାମାଜିକ ବ୍ୟବହାରରେ ଜାତି ଆଧାରିତ ବିଭାଜନ ରହିଛି । ବର୍ଣ୍ଣବ୍ୟବସ୍ଥା (ଜାତି) ବହୁ ପୂର୍ବରୁ ରହିଛି । ତାହା ବସ୍ତୁତଃ ବ୍ୟବସାୟ ଅଥବା ଦୃଷ୍ଟିକୋଣ ଆଧାରିତ ବର୍ଗ ଥିଲା । ସମାଜର ଗୋଟିଏ ଗୋଷ୍ଠୀ ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି କହିଥାନ୍ତି । ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏହାକୁ ମନୁବାଦ ବୋଲି ମଧ୍ୟ କହିଥାଆନ୍ତି । ଡଃ ବି.ଆର. ଆମ୍ବେଦକର କଲମ୍ବିଆ ବିଶ୍ୱବିଦ୍ୟାଳୟରେ "ଭାରତରେ ଜାତି ବ୍ୟବସ୍ଥା" ଶୀର୍ଷକ ଏକ ପ୍ରବନ୍ଧ ୧୯୧୬ ମସିହା ମଇ ମାସ ୯ ତାରିଖରେ ପାଠ କରିଥିଲେ । ତାଙ୍କ ପ୍ରବନ୍ଧରେ ଡଃ ଆମ୍ବେଦକର ମନୁଙ୍କୁ ଜାତି ବ୍ୟବସ୍ଥାର ଜନକ ବୋଲି ନ କହି କହିଥିଲେ ଯେ "ମୁଁ ଆପଣମାନଙ୍କୁ ଗୋଟିଏ କଥା କହିବାକୁ ଚାହୁଁଛି ଯେ, ଜାତି ଧର୍ମର ନିୟମ ମନୁ ପ୍ରଦତ୍ତ ନୁହେଁ । ଜାତି ମନୁଙ୍କ ପୂର୍ବରୁ ଥିଲା ।" ଡକ୍ଟର ଆମ୍ବେଦକର ସମ୍ଭବତଃ ମନୁ ସ୍ମୃତିର ରଚନାକାର କୁହାଯାଉଥିବା ମନୁଙ୍କ ବାବଦରେ ଏକଥା କହିଥିଲେ । ଡକ୍ଟର ଆମ୍ବେଦକରଙ୍କ କଥା ମଧ୍ୟ ସତ୍ୟ ଯେ, ଜାତି ବ୍ୟବସ୍ଥା ମନୁ ସ୍ମୃତିର ରଚନାକାଳ ପୂର୍ବରୁ ଥିଲା । ଋକ୍ ବେଦର ରଚନା କାଳରେ ଜାତି ବ୍ୟବସ୍ଥାର ବିକାଶ ହୋଇନଥିଲା । ଋକ୍ ବେଦରେ ଜନ୍ମକୁ ନେଇ ଓ କର୍ମକୁ ନେଇ ଜାତି ବିଭାଜନ କଥା ଉଲ୍ଲେଖ ନାହିଁ । କିନ୍ତୁ ଋକ୍ ବେଦରେ ମନୁଙ୍କ କଥା ଉଲ୍ଲେଖ ଅଛି । ଜନୈକ ମାର୍କ୍ସବାଦୀ ବିଚାରକଙ୍କ ଦ୍ୱାରା ଲିଖିତ ପୁସ୍ତକ ଇତିହାସ ଦର୍ଶନରେ ବିଚାରକ ଲେଖିଛନ୍ତି ଯେ, "ଏହି ତଥ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଋକ୍ଵେଦରେ ମନୁଙ୍କ ନାମ ଏବଂ କାମ ବାବଦରେ ଉଲ୍ଲେଖ ରହିଛି ପରନ୍ତୁ ଜଳ ପ୍ରଳୟର ଉଲ୍ଲେଖ କିମ୍ବା ସେ ବାବଦରେ ସମ୍ୟକ ସୂଚନା ମଧ୍ୟ ନାହିଁ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଋକ୍ ବେଦର ମନୁ ଓ ପୁରାଣବର୍ଣ୍ଣିତ ମନୁ ଭିନ୍ନଭିନ୍ନ ଅଟନ୍ତି ।" ମନୁ ପ୍ରାଚୀନ ଭାରତୀୟ ଇତିହାସ, ପୁରାଣ ଏବଂ ସଂସ୍କୃତିରେ ଅତୁଟ ପରମ୍ପରା । ଭାରତର ରାଷ୍ଟ୍ର ଜୀବନରେ ମନୁ ଆଶ୍ଚର୍ଯ୍ୟଜନକ ଜିଜ୍ଞାସା ଅଟନ୍ତି । ଜାତିବାଦୀ ରାଜନୀତି କରୁଥିବା ଲୋକେ ନିନ୍ଦା ବା ଗାଳି କରିଥାଆନ୍ତିଂ ତାଙ୍କୁ ବର୍ଣ୍ଣ ବ୍ୟବସ୍ଥାର ଜନ୍ମଦାତା ବୋଲି କହିଥାନ୍ତି । ଏହି ବ୍ୟସ୍ଥାର ଜନ୍ମଦାତା କିଏ ଏବଂ ଏହାର ଉଦ୍‌ଭବର ସମୟ ବାବଦରେ କେହି ବି ସଠିକ୍ ଭାବରେ କହିପାରିବେ ନାହିଁ । କିନ୍ତୁ ମନୁଙ୍କୁ ନିନ୍ଦା କରାଯାଉଛି । ତାଙ୍କ ନାମକୁ ନେଇ ମନୁବାଦର ଚର୍ଚ୍ଚା ଚାଲିଛି । ସବୁଠାରୁ ମୁଖ୍ୟ କଥା ହେଉଛି, ମନୁଙ୍କ ସପକ୍ଷରେ କେହିଜଣେ କୋହୁନାହାଁନ୍ତି କିମ୍ବା ତାଙ୍କର କେହି ପ୍ରଚାରକ ନାହାଁନ୍ତି । ସେ ଏକ ଜୀବନ୍ତ ନାୟକଙ୍କ ଭଳି ପ୍ରଶଂସା ଏବଂ ନିନ୍ଦା ଶୁଣିଚାଲିଛନ୍ତି ।

ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ବିବେଚନାରେ ମନୁ ଜଣେ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଅଟନ୍ତି । ମନୁଙ୍କୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଶ୍ନ ହେଉଛି, ମନୁ କ'ଣ ଆମ ପରି ଜଣେ ସାଧାରଣ ମନୁଷ୍ୟ ଥିଲେଉତ୍ତର ଯଦି ହଁ, ସେ କେବେ ଜନ୍ମ ନେଇଥିଲେ ? ସେ କିଏ ଥିଲେ ? କ'ଣ ମନୁସ୍ମୃତି ପୁସ୍ତକ ସେ ହିଁ ରଚନା କରିଥିଲେ । ମନୁସ୍ମୃତିର ଭାଷା ପରିଷ୍କାର ଏବଂ ବ୍ୟାକରଣ ସମ୍ମତ । ଏଣୁ ସ୍ପଷ୍ଟ ଯେ ବ୍ୟାକରଣର ବିକାଶ ପରେ ହିଁ ମନୁସ୍ମୃତି ରଚନା ହୋଇଛି । ଋକ୍ ବେଦର ଭାଷା ଓ ମନୁସ୍ମୃତିର ଭାଷା ମଧ୍ୟରେ ଭିନ୍ନତା ରହିଛି । ଋକ ବେଦରେ ମନୁଙ୍କୁ ଋଷିମାନଙ୍କ ମଧ୍ୟରେ ପ୍ରାଚୀନ ବା ପୁରାତନ ବୋଲି କୁହାଯାଇଛି । ଅର୍ଥାତ୍ ଋକ୍ଵେଦ ସମୟର ଋଷିମାନଙ୍କଠାରୁ ମନୁ ପ୍ରାଚୀନ ଅଟନ୍ତି । ଋକ୍ ବେଦରେ ଇନ୍ଦ୍ରଙ୍କୁ ସ୍ତୁତି କରାଯାଇଛି । ଉଲ୍ଲେଖଅଛିଯେ, "ପିତା ମନୁ, ଋଷି ଅଥର୍ବା ଏବଂ ଦଦ୍ୟଙ୍ଗ ପ୍ରଥମେ ଇନ୍ଦ୍ରଙ୍କ ସ୍ତୁତିଗାନ କରିଥିଲେ ।" ଋକ୍ଵେଦରେ ମନୁଙ୍କୁ ପିତା ଭାବେ ସମ୍ବୋଧନ କରାଯାଇଛି । କିଛି ଦେବତାଙ୍କ ସ୍ତୁତିର ରଚନା ଋକ୍ଵେଦ ପୂର୍ବରୁ ହୋଇଥିବାର ଜଣାପଡ଼େ । ମନୁ ଅଗ୍ରଜ ଏବଂ ପୂର୍ବଜ ଅଟନ୍ତି । ବୈଦିକ ସାହିତ୍ୟରେ ମନୁ ଯେ ଜାତିବାଦର ଜନ୍ମଦାତା ସେ ବାବଦରେ କୌଣସି ଉଲ୍ଲେଖ ନାହିଁ । ବର୍ଣ୍ଣ ଏବଂ ଜାତି ଦେବତାମାନେ ମଧ୍ୟ ଉଦ୍‌ଭବ କରିନାହାନ୍ତି । ମହାଭାରତ କାଳରେ କର୍ମର ବିଶିଷ୍ଟିକରଣ କାରଣରୁ ସମାଜରେ ବିଭାଜନ ସୃଷ୍ଟି ହୋଇଥିଲା । ସେବେଠାରୁ ବର୍ଣ୍ଣ ବା ବର୍ଗ ବ୍ୟବସ୍ଥିତ ହୋଇ ରହିଛି । ଏହା ଜନ୍ମନା ବା ଜନ୍ମରୁ ନୁହେଁ । ଜାତି ଏବଂ ବର୍ଗ ସାମାଜିକ ବିକାଶର ପରିଣାମ ଅଟେ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, "ମୁଁ ଗୁଣ ଓ କର୍ମର ଆଧାରରେ ଚାରି ବର୍ଣ୍ଣ ସୃଷ୍ଟି କରିଛି ।" ଏହାର ଅର୍ଥ ହେଉଛି ପୂର୍ବରୁ ବର୍ଣ୍ଣ ବା ଜାତି ନଥିଲା । ବର୍ଣ୍ଣ ବା ଜାତି ବ୍ୟବସ୍ଥା କୌଣସି ଈଶ୍ୱର ବା ଦେବତା ପ୍ରଦତ୍ତ ନୁହେଁ । ଦେବତା ବା ସର୍ବଶକ୍ତିମାନ ଯଦି ବର୍ଣ୍ଣ ବ୍ୟବସ୍ଥା ସୃଷ୍ଟି କରିଥାଆନ୍ତେ ତେବେ ଋକବେଦରେ ତାହା ଉଲ୍ଲେଖ ଥାଆନ୍ତା । ଗୀତାରେ ବର୍ଣ୍ଣ କଥା ଉଲ୍ଲେଖ ଅଛି, କିନ୍ତୁ ଏହା ଗୁଣ ଓ କର୍ମ ଆଧାରିତ । ଏହା ଜନ୍ମ ଆଧାରିତ ନୁହେଁ । ମନୁ ମଧ୍ୟ ବର୍ଣ୍ଣ ବ୍ୟବସ୍ତାର ସୃଷ୍ଟିକର୍ତ୍ତା ନୁହଁନ୍ତି । ଋକବେଦରେ ଋଷିକର୍ମର ପ୍ରଶଂସା କରାଯାଇଛି । ଅଶ୍ୱିନୀ ଦେବତା ହଳ ଚଳାଇଥିଲେ ବୋଲି ଉଲ୍ଲେଖ ଅଛି । ଏହାର ଉଦ୍ଦେଶ୍ୟ ସମୃଦ୍ଧି ଥିଲା । ଋକ୍ଵେଦରେ ଉଲ୍ଲେଖ ରହିଛି ଅଶ୍ୱିନୀ ଦେବଗଣ ମନୁଙ୍କ ସମୃଦ୍ଧି ପାଇଁ ହଳ ଚଳାଉଥିଲେ । ଅଗ୍ନି ସହ ମନୁଷ୍ୟ ଜାତିର ପରିଚୟ ମଧ୍ୟ ପୁରୁଣା । ଅଗ୍ନିର ଉତ୍ପନ୍ନରୁ ସାରା ବିଶ୍ୱରେ ପରିବର୍ତ୍ତନ ହୋଇଥିଲା । ଅଗ୍ନି ବିଷୟରେ ମନୁଷ୍ୟ ଜାଣିଲା କେବେଏ ବାବଦରେ କୌଣସି ତଥ୍ୟ ନାହିଁ । କିନ୍ତୁ ଋକବେଦରେ ଉଲ୍ଲେଖ ରହିଛିଯେ, ଯଜ୍ଞ ପାଇଁ ମନୁ ଅଗ୍ନି ପ୍ରଜ୍ୱଳିତ କରିଥିଲେ । ଏଣୁ ମନୁ ଯେ ଜଣେ ସାଧାରଣ ବ୍ୟକ୍ତି ତାହା କହିବା ଠିକ୍ ହେବନାହିଁ । ମନୁଙ୍କ ବାବଦରେ ତୈତିରୀୟ ସଂହିତାରେ ମଧ୍ୟ ଉଲ୍ଲେଖ ରହିଛି । ଅନେକ ବୈଦିକ ସାହିତ୍ୟରେ ମନୁଙ୍କ ବାବଦରେ ଅନେକ କଥା ଲେଖାଅଛି, ହେଲେ ମନୁ ଜାତି ଓ ବର୍ଣ୍ଣର ସୃଷ୍ଟିକର୍ତ୍ତା । ବୋଲି କୌଣସିଠାରେ ଉଲ୍ଲେଖନାହିଁ ।

ମନୁ ପ୍ରତିଷ୍ଠିତ ପୂର୍ବଜ ଥିଲେ । ଭାରତରତ୍ନ ଡକ୍ଟର ପି.ବି. କାଣେଙ୍କ ଲିଖିତ ଧର୍ମ ଶାସ୍ତ୍ରର ଇତିହାସରେ ସେ ଲେଖିଛନ୍ତି ଯେ, "ମନୁସ୍ମୃତିର ପ୍ରଣୟନ କିଏ କରିଥିଲେ" ଆଦି ପୂର୍ବଜ ମନୁ ଏହାର ରଚୟିତା ନୁହଁନ୍ତି । ମନୁ ସ୍ମୃତିର ବ୍ୟାକରଣ ପାଣିନୀ ସମ୍ମତ ଅଟେ । ଡକ୍ଟର କାଣେ ଲେଖିଛନ୍ତି ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ଅଥବା ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ମନୁସ୍ମୃତିର ରଚନା ହୋଇଥାଇପାରେ । ମନୁସ୍ମୃତିର କିଛି ଅଂଶକୁ ଆଧୁନିକ ସମାଜ ବିରୋଧ କରୁଛି । ଏହା ମଧ୍ୟ ଏକ ବାଧକାରୀ ସଂହିତା ନୁହେଁ । ମହାଭାରତର ଶାନ୍ତି ପର୍ବରେ ମନୁ ଏବଂ ଦେବଗୁରୁ ବୃହସ୍ପତିଙ୍କ ମଧ୍ୟରେ କଥୋପକଥନ କଥା ରହିଛି । ଉଲ୍ଲେଖ ରହିଛିଯେ, ବୃହସ୍ପତି ମନୁଙ୍କୁ ପ୍ରଣାମ କରି ତତ୍ତ୍ୱଜ୍ଞାନ କଥା ପଚାରିଥିଲେ । ମନୁ ସତ୍ୟ ଏବଂ ବ୍ରହ୍ମତତ୍ତ୍ୱର ବାଖ୍ୟା କରି ବୃହସ୍ପତିଙ୍କୁ ବୁଝାଇଥିଲେ । ଏଣୁ ମନୁଙ୍କ ପରି ପରମ ବିଦ୍ୱାନ ଜାତିବର୍ଣ୍ଣର ସୃଷ୍ଟିକର୍ତ୍ତା ହୋଇପାରିବେ କେମିତିମନୁଙ୍କ ବାବଦରେ ଯାହାସବୁ ଉଲ୍ଲେଖ ରହିଛି ସେ ସବୁ ତଥ୍ୟ ମନୁଙ୍କୁ ବିରୋଧ କରୁଥିବା ଲୋକେ ଜାଣିବା ଉଚିତ୍ ।

ରାମଚନ୍ଦ୍ରପୁର, ରଣପୁର




## ଜୀବନ

### ଦିନେଶ ମେହେର



ସ୍ୱପ୍ନ ସବୁକୁ
ଗଣ୍ଠିଲି ବାନ୍ଧି
ନୂଆ ସକାଳକୁ ଅପେକ୍ଷାର
ଅନ୍ତ ପରେ
ପୁଣି ସେଇ ଜଞ୍ଜାଳ ଭରା ଜୀବନ
କବଳିତ କରେ
ଆଖିରୁ ଓଠକୁ
ଓଠରୁ ପେଟକୁ !

ଜିଇଁବି ଜିଇଁବି ବୋଲି ଭାବେ
ହେଲେ କେବେ ତ
ସଠିକ୍ କାରଣ ଟା ଜାଣିପାରେନା
କି ପଚାରି ପାରେନା
ସବୁରି କର୍ତ୍ତା, ହର୍ତ୍ତା
ଅବା କେଉଁ ଡଙ୍ଗର ଭିତର ଡୁମାକୁ ।
ଲଢ଼େଇ କିନ୍ତୁ ଜାରି ରହିଛି,
ଦିନ ଦି ପହରେ ଭୋକ ସହ
ମଝି ରାତିରେ ନିଦ ସହ ।
ବହୁ ଦିନରୁ ଆଖି ତଳେ
କଳାଦାଗ ହେଇ
ମରି ପଡ଼ିଥିବା ସ୍ୱପ୍ନ ସବୁ
ଚାହେଁ ବାସ୍ତବତା,
ଥରେ ଜୀବନ ଜିଇଁବାର
କୌଶଳଟା
ଶିଖି ଯାଆନ୍ତି କି ?
ତା ହେଲେ
ପ୍ରକୃତ ଜୀବନଟା ଆଉ
ବୈଶାଖୀ ଖରାରେ ମରୁଭୂମିରେ
ଜଳି ଜଳି
ଶୁଖି ଚାଲିଥିବା
ଗଛ ଟିଏ ହେଇ ଚାଲୁ ନଥାନ୍ତା ।

ପଳାସ, କଳାହାଣ୍ଡି

## ଅଜା !

### ସୌଦାମିନୀ ପଣ୍ଡା



ଆଜି ମନେପଡ
ଅବୁଝା ମନକୁ ବୁଝେଇବ କିଏ
ମାନୁନି ମନ କେବେ,
ଲାଗେ ଅଛ ଆମ ପାଖେ ପାଖେ
ଡାକିଲେ ଶୁଣିବ ଏବେ ।

ବାଟ ଚାଲିବାକୁ ହେଉଛି କଷ୍ଟ
ସଂସାର ନିୟମ ସାଥେ
ଏକା ଏବେ ତୁମ ଜୀବନସାଥୀ
ଏ ଜୀବନର ପଥେ ।

ଅଥୟ ହେଉଛି ସମସ୍ତଙ୍କ ମନ
ଶୁଣିବାକୁ ଥରେ ତୁମ ସ୍ୱର
ପ୍ରତିଉତ୍ତରରେ ପବନ ବି ଶାନ୍ତ
ବିକଳ ହେଲାଣି ହୃଦୟ ଆମର ।

ବାପା ଡାକ ଏବେ ହୋଇଛି ଶୂନ୍ୟ
ଯାଉନି ତା ଗନ୍ତବ୍ୟ ସ୍ଥଳକୁ
ଲୁହ ତ ଆମାନିଆ ଥୟ ଧରୁନି
ସାଥି କରିଛି ଆଖି ପଥକୁ ।

ଝଲସି ଯାଉଛି ଆଖିରେ ଆମ
ତୁମର ହସ ହସ ମୁଖ
ସତେ ଫୁଟିଯାଉଥିଲା ହସେ କଇଁ
ମଳିନ ଆଜି ସେହି ମୁଖ ।

ନିଶବ୍ଦ ହୋଇଛି ଆଜି ସାରା ଅଂଚଳ
ଶୁଭୁନାହିଁ ତୁମ ବେଦ ସ୍ୱର
ସାଇତି ରଖିଛି ମୁଁ ସବୁ ସେହି ସ୍ମୃତି
ହସ ଖେଳ ଅଜା ନାତୁଣୀର ।

ସମୟ ଚକ୍ରର ପୁରିଲା ଆଜି ବରଷେ
ତଥାପି ଅଛ ଆମ ସାଥିରେ
ଭଗବାନଙ୍କ ସାଥି ହୋଇଛ ସେବେଠୁ
ଆଶୀର୍ବାଦ ଦିଅ ଆମ ମଥାରେ ।

ସ୍ନାତକ ବିଜ୍ଞାନ ଛାତ୍ରୀ
ବରିହାପାଲି (ପଦ୍ମପୁର )
ବରଗଡ

## କଳ୍ପିତ ନାୟିକା

### ଚନ୍ଦ୍ରହାସ୍ୟ ସତନାମି



କଳ୍ପନା ନଗରୁ କଳ୍ପିତ ନାୟିକା
ଆସିଛି ରୂପସୀ ମୋର
ସ୍ଥିର ଚିତ୍ତ ମୋର ଚାଞ୍ଚଲ୍ୟ ହେଲାଣି
ଦେଖିବାକୁ ମୁଖ ତାର ।
ଆଗୋ ସୁକୁମାରୀ ହେମାଙ୍ଗ ସୁନ୍ଦରୀ
କୁରଙ୍ଗୀ ନୟନୀ ଲଳନା
ଗଜଗତି ପରି ଚାଲିଟା ତୁମର
ହୃଦୟେ ବିରହ ବେଦନା ।
ରୂପ କାନ୍ତି ତବ କୋଟି ତାରକାରୁ
ଏକ ଜହ୍ନ ପରି ଉଭା
ସାତ ଇନ୍ଦ୍ରଧନୁ ଏକଠାବ ହେଲେ
ଯେହ୍ନେ ଗଗନର ଶୋଭା ।
ରସ ସିକ୍ତ ଆଖି ରକ୍ତାଭ ଓଷ୍ଠ ତୋ
କୁଞ୍ଚିତ ଅରୁଣ କେଶୀ
ମଞ୍ଜିର ରସନା ରସମୟ ଶୋଭେ
କିଶୋର ଯୌବନ ପଶି ।
ରସରେ ରସିକ ରସିତ ହୋଇଛି
ହାସ୍ୟରସ ହେଖି ତୋର
ପ୍ରେମ ରସେ ତୋର ପ୍ରେମିକ ସାଜିଛି
ପ୍ରେମ ନେଇ ପ୍ରେମ କର ।
ଆଉକି ତୁଳନା କରିବି ଗୋ ପ୍ରିୟେ
ନାହିଁ କେହି ତୁଲ୍ୟ ସମ
ସ୍ୱର୍ଗର ମେନକା,ଉର୍ବଶୀ, ରମ୍ଭାଟି
ତବ ସର୍ବେ ନିମ୍ନତମ ।

+୩ କଳା ଛାତ୍ର ତୃତୀୟ ବର୍ଷ
ପଞ୍ଚାୟତ ସମିତି ଡ଼ିଗ୍ରୀ
ମହାବିଦ୍ୟାଳୟ, କୋକସରା,
କଳାହାଣ୍ଡି
ମୋ: ୮୨୪୯୮୪୨୬୪୮

## ମଳୟ ଆଣିଛି ବସନ୍ତ ଛିଟା

### ରାମଚନ୍ଦ୍ର ବେହେରା

ଶୀତ ହେଲା ଅନ୍ତ ଆସିଛି ବସନ୍ତ
ବହୁଛି ମୃଦୁ ମଳୟ
ନବପଲ୍ଲବରେ କୁସୁମିତ ତରୁ
ଦିଶୁଅଛି ଶୋଭାମୟ ।
ପ୍ରକୃତିର ରୂପ ସ୍ୱର୍ଗ ଅନୁରୂପ
ରୂପ ବର୍ଣ୍ଣ ସୌରଭରେ
ସ୍ୱଚ୍ଛ ସରସୀରେ ଉଜ୍ଜ୍ୱଳ ଚାନ୍ଦିନୀ
ଜ୍ୟୋସ୍ନା ବିକିରଣ କରେ ।
ଫଗୁଣରେ ମଧୁ ପ୍ରେମପ୍ରୀତି ଭାବ
ଛିଟା ପଡିଥାଏ ଝରି
ପ୍ରୀତିର ପରଶେ ସବୁରି ହୃଦୟ
ଉଲ୍ଲାସେ ଉଠଇ ପୂରି ।
ନାଲି ଟହଟହ ପଳାସ କୁସୁମ
ମଧୁମୟ ପରିବେଶେ
ଅଶୋକ ବିକଶେ ବସନ୍ତ ପରଶେ
ସର୍ବତ୍ର ରଂଗୀନ ଦିଶେ ।
ବସନ୍ତ ଛିଟାରେ ରାଗିଣୀ ତୋଳଇ
କୋଇଲି ପଂଚମ ସ୍ୱରେ
ବିଭୋର ହୁଅନ୍ତି ଚକୋର ଚକୋରୀ
ମିଳନର ପ୍ରତୀକ୍ଷାରେ ।
ମଳୟ ପ୍ରବାହେ ପ୍ରୀତିର ସେନେହେ
ଜୀବ ହୁଏ ଆତ୍ମ ହରା
ବସନ୍ତର ଛିଟା ପ୍ରେମ ଜ୍ୱର ବାଣ୍ଟେ
ମୁରୁକି ହସଇ ଧରା ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୯)

## ଲକ୍ଷ୍ମଣଙ୍କ ଶକ୍ତି ଭେଦ

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଇନ୍ଦ୍ରଜିତର ମୃତ୍ୟୁ ରାବଣକୁ ଦୋହଲାଇ ଦେଲା । ଲଙ୍କା ନଗରୀରେ ଏ ଖବର ପହଂଚିବା ମାତ୍ରେ ଶୋକର କଳା ବାଦଲ ଚାରିଆଡ଼େ ଛାଇଗଲା ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

"ରାଣୀ ମନ୍ଦୋଦରୀ ପ୍ରିୟ ପୁତ୍ରର ନିଧନ ଖବର ପାଇ ମୂର୍ଚ୍ଛା ଗଲେ ଓ ପୁତ୍ରର ମୃତ୍ୟୁ ପାଇଁ ପତି ଦଶାନନକୁ ଦାୟୀ କଲେ । ଇନ୍ଦ୍ରଜିତର ପତ୍ନୀ ପ୍ରମିଳା ଶୋକ ସାଗରରେ ବୁଡ଼ିଗଲେ । ସାରା ଲଙ୍କା ନଗରୀରେ ହାହାକାର ଶୁଣାଗଲା । ଏ ପର୍ଯ୍ୟନ୍ତ ରାବଣକୁ ସମର୍ଥନ କରୁଥିବା ଲୋକ ମଧ୍ୟ ଇନ୍ଦ୍ରଜିତର ମୃତ୍ୟୁକୁ ଗ୍ରହଣ କରି ପାରିଲେନି ।

ପ୍ରିୟ ପୁତ୍ର ଇନ୍ଦ୍ରଜିତର ମୃତ୍ୟୁ ରାବଣକୁ ମର୍ମାହତ କଲା । ସେ ବାତୁଳ ପ୍ରାୟ ହେଲା । ଇନ୍ଦ୍ରଙ୍କୁ ବନ୍ଦୀ କରିଥିବା ଓ ରାବଣର ଶକ୍ତିଶାଳୀ ପୁତ୍ରର ମୃତ୍ୟୁ ଲାଗି ସେ ଭ୍ରାତା ବିଭୀଷଣଙ୍କୁ ଦାୟୀ କରିଥିଲା । ବିଭୀଷଣ ଠିକ୍ ସମୟରେ ଇନ୍ଦ୍ରଜିତର ଯଜ୍ଞ ସଂପର୍କରେ ସୂଚନା







ଦେଇନଥିଲେ, ତାର ମୃତ୍ୟୁ ଅସମ୍ଭବ ହୋଇଥାନ୍ତା । ଏ କଥା ରାବଣ ଜାଣିଥିଲା । ତେଣୁ ରାମ ଲକ୍ଷ୍ମଣଙ୍କୁ ମାରିବା ଆଗରୁ ସେଆଗ ବିଭୀଷଣଙ୍କୁ ମାରିବାକୁ ଯୋଜନା କଲା ।

କ୍ରୋଧରେ ପାଗଳ ହୋଇ ରାବଣ ଶେଷରେ ନିଜେ ଯୁଦ୍ଧକୁ ଯିବାକୁ ସ୍ଥିର କଲା । ତାକୁ ଯୁଦ୍ଧକୁ ନଯିବାକୁ ରାଣୀ ମନ୍ଦୋଦରୀ ପ୍ରାର୍ଥନା କଲେ । ମାତ୍ର ବୁଦ୍ଧି ଭ୍ରଂଶ ହୋଇଥିବା ରାବଣ କାହା କଥା ଶୁଣିବାକୁ ପ୍ରସ୍ତୁତ ନଥିଲା ।

ରାବଣ ଯୁଦ୍ଧକୁ ଆସିବା ଆଗରୁ ତାର ଶକ୍ତିଶାଳୀ ସେନାପତି ମହୋଦର, ମହାପାର୍ଶ୍ୱ ଓ ବିରୂପାକ୍ଷ ଯୁଦ୍ଧକୁ ଆସି ମୃତ୍ୟୁବରଣ କରିଥିଲେ । ରାବଣର କ୍ରୋଧ ଚରମ ସୀମାରେ ପହଂଚି ଥିଲା । ସେ ଯୁଦ୍ଧକୁ ଯିବାକୁ ପ୍ରସ୍ତୁତ ହେଲା ।

ରାବଣର କୁପ୍ରକୃତ୍ତିକୁ ଛାଡ଼ି ଦେଲେ ସେ ଜଣେ ଶକ୍ତିଶାଳୀ ବୀର ଓ ଦେବଜ୍ଞ ରାକ୍ଷସ ଥିଲା । ତାର ଜ୍ଞାନ ଥିଲା ଅପାର । ମାତ୍ର ଜ୍ଞାନର ଠିକ୍ ଉପଯୋଗ କରିପାରୁନଥିଲା ।

ରାବଣ ଯୁଦ୍ଧ କ୍ଷେତ୍ରରେ ପହଂଚିଗଲା । ତାର ସାମ୍ନା କରିବାକୁ କପି ସେନା ସକ୍ଷମ ନଥିଲେ । ରାବଣର ଲକ୍ଷ୍ୟ ଥିଲା ଭାଇ ବିଭୀଷଣକୁ ମାରିବା । କିନ୍ତୁ ସେ ନିଶ୍ଚିତ ଥିଲା, ବିଭୀଷଣକୁ ତାର ସବୁ ଛିଦ୍ର ଜାଣେ । ସେ ହିଁ ରାବଣର ପୁତ୍ରମାନଙ୍କ ମୃତ୍ୟୁର କାରଣ । ତେଣୁ ପୁତ୍ରମାନଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସେ ଆଗ ବିଭୀଷଣଙ୍କୁ ମାରିବାକୁ ଚାହିଁଲା ।

ରାବଣ ସହିତ ଯୁଦ୍ଧ କରିବାକୁ କପି ସେନା ସମର୍ଥ ନଥିଲା । ରାବଣ ଅତି ସହଜରେ ସେମାନଙ୍କୁ ପରାସ୍ତ କରି ଆଗକୁ ବଢ଼ିଲା । ତାର ଲକ୍ଷ୍ୟ ଥିଲା ବିଭୀଷଣଙ୍କୁ ପାଖରେ ପହଂଚିବା । ନିଜ ସେନାର ଏପରି ଦୁର୍ଦ୍ଦଶା ଦେଖି ଲକ୍ଷ୍ମଣ ରାବଣର ସାମ୍ନା କଲେ ।

ରାବଣ ଲକ୍ଷ୍ମଣଙ୍କୁ ସତର୍କ କରାଇ ଦେଇ କହିଲା ସେ ଆଗ ବିଭୀଷଣଙ୍କୁ ମାରିବାକୁ ଚାହୁଁଛି । ତେଣୁ ତାର ପଥରୋଧ ନ କରିବାକୁ ସେ ଲକ୍ଷ୍ମଣଙ୍କୁ କହିଲେ । ଲକ୍ଷ୍ମଣ ମଧ୍ୟ ରାବଣର ଉଚିତ୍ ଜବାବ ଦେଲେ । ଲକ୍ଷ୍ମଣ ଓ ରାବଣ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ରାବଣ ବାରମ୍ବାର ଚେଷ୍ଟା କଲା ଲକ୍ଷ୍ମଣଙ୍କୁ ଶରାଘାତ କରିବାକୁ, ମାତ୍ର ତାର ସବୁ ଶରର ଉତ୍ତର ଲକ୍ଷ୍ମଣଙ୍କ ପାଖରେ ଥିଲା । ଶେଷକୁ ସେ ମନ୍ତ୍ର ବୋଲି ବ୍ରହ୍ମାସ୍ତ୍ରକୁ ଲକ୍ଷ୍ମଣଙ୍କ ଦିଗରେ ପ୍ରୟୋଗ କଲା ।

ଲକ୍ଷ୍ମଣଙ୍କ ପ୍ରତି ରାବଣର ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାର ଦେଖିଲେ ଶ୍ରୀରାମ । ବ୍ରହ୍ମାସ୍ତ୍ରକୁ କାଟିବାକୁ ସଂସାରରେ କୌଣସି ଅସ୍ତ୍ର ନାହିଁ । ତେଣୁ ଶ୍ରୀରାମ ଲକ୍ଷ୍ମଣ ପ୍ରାଣ ଲାଗି ପ୍ରାର୍ଥନା କଲେ ।

ବ୍ରହ୍ମାସ୍ତ୍ର ଲକ୍ଷ୍ମଣଙ୍କ ବକ୍ଷ ଭେଦ କଲା । ଲକ୍ଷ୍ମଣ ଭୂପତିତ ହେଲେ । ବାନର ସେନା ମଧ୍ୟରେ ହାହାକାର ବ୍ୟାପିଗଲା । ଲଙ୍କାପତି ରାବଣ ଲକ୍ଷ୍ମଣଙ୍କୁ ଶରାଘାତ କରି ଖୁସିରେ ଲଙ୍କା ନଗରୀକୁ ଫେରିଲା ଓ ମନେ ମନେ ଭାବିଲା, ସେ ଲକ୍ଷ୍ମଣଙ୍କୁ ମାରିଦେଇଛି ।

ବିଧିର ବିଧାନ ବିଚିତ୍ର । ବିଷ୍ଣୁଙ୍କ ଅଂଶରେ ଜନ୍ମ ହୋଇଥିବା ଲକ୍ଷ୍ମଣ ଅଚେତ୍ ହୋଇ ପଡ଼ିଗଲେ, ମାତ୍ର ତାଙ୍କର ମୃତ୍ୟୁ ହୋଇନଥିଲା । ଶ୍ରୀରାମ ଦୁଃଖରେ କ୍ରନ୍ଦନ କରିବାକୁ ଲାଗିଲେ । ଏ ପର୍ଯ୍ୟନ୍ତ ଲକ୍ଷ୍ମଣ ତାଙ୍କର ଛାଇ ପରି ତାଙ୍କ ସାଂଗରେ ରହିଥିଲେ, ଆଜି ସେ ଧରାଶାୟୀ । ରାମଙ୍କ ଦୁଃଖରେ ବିଭୀଷଣ, ହନୁମାନ, ସୁଗ୍ରୀବ ଓ ଅନ୍ୟ ବାନର ସେନା ଦୁଃଖାଭିଭୂତ ହୋଇପଡ଼ିଲେ ।

ରାମ ଓ ଅନ୍ୟମାନଙ୍କୁ ବ୍ୟଥିତ ହେବାର ଦେଖି ସୁଷେଣ ରାମଙ୍କ ପାଖକୁ ଆସିଲେ । ସେ ପ୍ରଥମେ ଲକ୍ଷ୍ମଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ । "ଭ୍ରାତା ଲକ୍ଷ୍ମଣ ଏବେ ବି ଜୀବିତ ଅଛନ୍ତି । ମୁଁ ଭାବୁଛି ତାଙ୍କୁ ବଂଚେଇ ହେବ ଓ ତାଙ୍କୁ ସୁସ୍ଥ କରିହେବ ।

ସୁଷେଣଙ୍କ କଥା ଶୁଣି ଶ୍ରୀରାମ ଓ ଅନ୍ୟମାନେ ତାଙ୍କ ଆଡ଼େ ଅନେଇଲେ । ସୁଷେଣ ସଂଗେ ସଂଗେ ତାଙ୍କ ବୈଦ୍ୟ ଶାସ୍ତ୍ର ପୋଥି ଖୋଜି ପକାଇଲେ ଓ ବିନୀତ ହୋଇ ଶ୍ରୀରାମଙ୍କୁ କହିଲେ- ଲକ୍ଷ୍ମଣଙ୍କ ଦେହରେ ଜୀବନର ସମସ୍ତ ଲକ୍ଷଣ ଅଛି । ତାଙ୍କୁ ଅଚେତ୍ ଅବସ୍ଥାରୁ ବାହାର କରିବାକୁ ପଡ଼ିବ । ସେଥିଲାଗି ଆମକୁ ବିଶଲ୍ୟକରଣୀ ମହୋଷଧିର ପ୍ରୟୋଗ କରିବାକୁ ପଡ଼ିବ ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ । (କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଉଚ୍ଚ ମନା ସଦା ଅମୃତ



ପ୍ରଭାସିନୀ ବରାଡ





ଦିନେ ମଧୁ ତା' ପୁଅ ବାବୁଲାକୁ ସାଥିରେ ନେଇ ପାଖ ସହରରେ ପହଞ୍ଚିଲା । ସେଠାରେ ଏକ ଅଫିସରଙ୍କ ଘରେ ରହି ବାବୁଲା କାମ କରିବ, ଏ କଥା ବାଟରେ ପୁଅକୁ ବୁଝାଇ ଦେଇଥିଲା । ବାବୁ ଘରେ କେତେ ଭଲମନ୍ଦ ଖାଇବାକୁ ମିଳିବ, ପଇସା ମିଳିବ, ପୁଣି ସାର୍ଟପ୍ୟାଣ୍ଟ । ମନେ ମନେ ମଧୁର ଖୁସି କହିଲେ ନସରେ । ଭାବିଲା ପୁଅକୁ କୌଣସି ମତେ କିଛି କାମରେ ଲଗାଇ ଦେଲେ କାମ ତୁଟିବ ସେ କିଛି କିଛି ପିଲାଦିନୁ ରୋଜଗାର କରିବ । ପାଠରୁ କ'ଣ ଅବା ମିଳିବ ତା'କୁ ।

ହେଲେ ଚଉଦ ବରଷର ବାବୁଲା, ଇଛା ଥାଏ ପିଲାମାନଙ୍କ ପରି ପାଠ ପଢିବ, ବଡ ହାକିମ ହେବ । ମନେ ମନେ କେତେ କଥା ଭାବିଥିଲା ବାବୁଲା, କିନ୍ତୁ ତା' ବାପା ଡରରେ କାମ କରିବାକୁ ତାକୁ ଆସିବାକୁ ପଡିଲା । ସହରକୁ ଆସି ପରିସ୍ଥିତିରେ ପଡି ସେ କିଛି ଦିନ କାମ କଲା ପରେ ପରେ ଆଉ ତା'ର ବେଶୀ କାମରେ ମନ ଲାଗିଲା ନାହିଁ । ସବୁବେଳେ ଇଛା କେମିତି ପଢିବ ହିଁ ପଢିବ । ସଅଳ ସଅଳ ଘର କାମ ତୁଟାଇ ଦେଇ ବାବୁଙ୍କ ପୁଅ ସଂପଦ୍ ଟିୟୁସନ କଲାବେଳେ ଟିକିଏ ଦୂରରେ ରହି ବାବୁଲା ସବୁ ଶୁଣିବାରେ ଲାଗିଲା । ପାଠକୁ ଆଗ୍ରହ ସହକାରେ ଖୁବ୍ ଶୀଘ୍ର ମନେ ରଖିବା ସହିତ ଅନ୍ୟ ସମୟରେ ସୁବିଧା ମିଳିଲେ ସଂପଦ୍ ସହ ପାଠ ବିଷୟରେ ଆଲୋଚନା ମଧ କଲା । ବିଭିନ୍ନ ଗୀତ, ଗପ, ବିଜ୍ଞାନ ଭିତ୍ତିକ କଥା, ଗଣିତ ସୂତ୍ର ଇତ୍ୟାଦି ମନଦେଇ ଶୁଣିଲା । ସବୁଠାରୁ ବଡ କଥା ହେଲା ବାବୁଘରେ ସମସ୍ତଙ୍କୁ ସେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରେ । ଯେତେବେଳେ ବାବୁ ଓ ବାବୁଆଣୀ ସଂପଦକୁ କିଛି ଶିକ୍ଷା ଦେଉଥାନ୍ତି, ଭଲ ପାଠ ପଢିଲେ ଭଲ ମଣିଷ ହେବ, ସବୁ କଥା ଜାଣି ପାରିବ, ସର୍ବଦା ସତ କହିବ, ସମସ୍ତଙ୍କୁ କିପରି ଉତ୍ତମ ବ୍ୟବହାର ଆଚରଣ ପ୍ରଦର୍ଶନ କରିବ ଗୁରୁଜନଙ୍କୁ ମାନିବ ଏ ସବୁ ଭଲ ଉପଦେଶ ବାବୁଲା ମନ ଭରି ଶୁଣେ । ମନେ ମନେ ଭାବେ ମୁଁ ନିଶ୍ଚୟ ବଡ ଓ ଭଲ ମଣିଷ ହେବି ।

ଏଣେ ପୁଅକୁ କିଛି ଦିନ ହେଲା ନ ଦେଖି ବାବୁଲା ମା'ର ମନ ଛଟପଟ ହେଉଥାଏ । ସେ ବାବୁଲା ବାପାଠାରୁ ଠିକଣା ଆଣି ଚାଲି ଚାଲି ଗାଁ' ଗଣ୍ଡା, ନଦୀ, ବିଲମାଳ ଡେଇଁ ସହରରେ ଦିନେ ଯାଇ ବାବୁ ଘରେ ପହଞ୍ଚିଗଲା । ପୁଅକୁ ପାଖରେ ବସାଇ ମୁଣ୍ଡକୁ ଆଉଁସି ଭଲମନ୍ଦ କଥା ପଚାରି ବୁଝିଲା । ବାବୁଲାର ଗୋଟିଏ ଜିଦି ମୁଁ ଗାଁକୁ ଯିବି ମା' ପୁଣି ପାଠ ପଢିବି, ମୁଁ ଆଉ ପିଲା ଦିନୁ କାମ କରି ମୂର୍ଖ ହେବି ନାହିଁ । ପିଲାର ଜିଦି ପଢିବା ପାଇଁ, ବାବୁଲାର ମା' କ'ଣ ବା ଆଉ କରିଥାନ୍ତା; ପୁଅର ମନ କଥା ବାବୁଙ୍କୁ କହି ବାବୁଲାକୁ ସାଥିରେ ଧରି ଗାଁ'କୁ ଫେରିବାକୁ ବାହାରିଲା ।

ବାବୁଲାର ଅଧିକ ପଢିବା ପ୍ରତି ଆଗ୍ରହ ଦେଖି ବାବୁ ଖୁସି ହେଲେ । ମନା ନକରି କିଛି ପଇସାପତ୍ର ଦେଇ ବିଦାୟ ଦେଲେ ।

ମା ' ପୁଅ ଚାଲି ଚାଲି ଆସିବା ବାଟରେ ଅଧିକ ପାଦ ଚଲା ହେତୁ କ୍ଳାନ୍ତ ହୋଇ ପଡିଲେ । ତା' ପରେ ଗୋଟିଏ ଗଛ ମୂଳ ଦେଖି କିଛି କ୍ଷଣ ଶୋଇ ପଡିଲେ । ନିଦରେ ନିଦରେ ବାବୁଲା ମା' ଏକ ସପନ ଦେଖିଲା .. ସେହି ଗଛ ଉପରେ ଶୁଆ ଶାରି ଦୁଇଟି କଥା ହଉଥିଲେ ..।

'ଶୁଆ କହୁଥାଏ ଶାରିକୁ ଜାଣିଛୁନା ଶାରି ଏ ଯୋଡ ମା' ପୁଅ ଗଛ ତଳେ ଶୋଇଛନ୍ତି, ସେହି ପୁଅଟିର ଭାଗ୍ୟ ବଡ ବଳୁଆ ଲୋ, ବଡ ହେଲେ ସେ ବଡ ମଣିଷ ହେବ ତା' ଜନ୍ମ ଜାତକ କହୁଛି ଏବେ ଦେଖୁନୁ ଖାଲି ପଢିବ ପଢିବ ହେଉଛି ମା' ସାଥିରେ ସହରରୁ ଗାଁକୁ ଫେରୁଛି ଦେଖେ' ।

ଶୁଆ କଥା ଶୁଣି ଶାରୀ କହିଲା, ହେଲେ ତା' ବାପା ତ ରାଜି ନାହିଁ ପଢାଇବାକୁ ଦେଖାଯାଉ ମା' ପଢାଉଛି କି ପୁଣି କାମ କରାଉଛି ।

ଶୁଆ କହିଲା ତା ମା' ଯଦି ପରିଶ୍ରମ କରି କିଛି ରୋଜଗାର ଅଧିକ କରିପାରିବ ତେବେ ପୁଅକୁ ନିଶ୍ଚୟ ପଢାଇ ପାରିବ । ଏ ପିଲା ଭଲ ନାଁ କରିବ, ତା 'ର କେତେ ଦୃଢ ଇଛା ଦେଖୁନୁ, ପୁଣି କେମିତି ଉଚ୍ଚ ମନ । ତା' ଘରର ଭାଗ୍ୟ ବଦଳିଯିବ । କହି ଶୁଆ ଶାରୀ ଦୁଇଟି ଫୁର୍ କିନା ଉଡିଗଲେ ।

ହଠାତ୍ ବାବୁଲା ମା'ର ନିଦ ଭାଙ୍ଗିଗଲା ସପନ କଥା କିଛି ଭାବିଲା ଚାରିଆଡେ ଅନାଇଲା, ପୁଅକୁ ଉଠାଇ ଘରକୁ ଗଲା । ତା ପରେ ଯେତେ କଷ୍ଟ ପଡିଲା ପଛେ ବାବୁଲାର ମା' ପୁଅକୁ ପାଠ ପଢାଇଲା । ସ୍କୁଲରେ ସାର୍ ବାବୁଲା ବାପାଙ୍କୁ ବହୁତ କିଛି ବୁଝାଇ କହିଲେ । ଏ ପରି ପାଠ ପଢା ବୟସରେ ପିଲାଙ୍କୁ ଅନ୍ୟ କାମରେ ଲଗାଇବା ଉଚିତ୍ ନୁହେଁ । ଏହା ଆଇନ ଗତ ଅପରାଧ । ବାବୁଲା ବାପା ନିଜ ଭୁଲ ବୁଝି ପାରିଲା ଏଥର ବାବୁଲାକୁ ନିଶ୍ଚୟ ପଢାଇବ ଶପଥ ନେଲା । ବାବୁଲା ମା' ସପନ କଥା ମଝିରେ ମଝିରେ ଭାବୁଥାଏ । ସତରେ ଯଦି ସପନ ସତ ହୋଇଯିବ ତେବେ ତା'କୁ ଏତେ ଦୁଃଖ କରିବାକୁ ଆଉ ପଡିବ ନାହିଁ । ଧୀରେ ଧୀରେ ବାବୁଲା ବଡ ହୋଇ ଅଧିକରୁ ଅଧିକ ପଢିଲା । ପରି ଶେଷରେ ଭଲ ସରକାରୀ ଅଫିସର ଚାକିରି ଖଣ୍ଡିଏ କଲା । ପରିବାର ସହିତ ବହୁତ ଭଲରେ ଦିନ କଟାଇଲା । ତା ' ବାପା ମା'ର ଦୁଃଖ ଗଲା । ବାବୁଲାର ଦୃଢ ଇଛା ଶକ୍ତି ଓ ଉଚ୍ଚ ମନ ବଳ ଯୋଗୁଁ ସବୁ ସମ୍ଭବ ହୋଇ ପାରିଲା । କଥାରେ ଅଛି 'ଉଚ୍ଚ ମନା ସଦା ଅମୃତ ଲଭଇ , ନୀଚ ମନା ଲଭେ ବିଷ' । ତେଣୁ ନିଜର ଇଛା ଶକ୍ତି ଥିଲେ ଅସାଧ କାମ ସାଧ ହୋଇ ପାରିବ ?


+ଶ୍ରୀ ବିହାର , କଲେଜ ରୋଡ,
ନୟାଗଡ , ପିନ୍ - ୭୫୨୦୬୯
ଫୋନ ନଂ:୮୯୧୭୨୯୯୫୭୬


କବିତା

ତୁମ ପାଇଁ

## ତାରାପାଇଁ ଗୀତଟିଏ

ନୀଳମଣି ଚାନ୍ଦ

ଟିକି ଟିକି ଟିକି ଟିକି ଟିକି
ତାରା କରୁଥାନ୍ତି ଚିକିଚିକି
ଦୂର ଆକାଶରେ ରହି
ଆମ ସୂରୁଯଠୁଁ ସେ କେତେ ବଡ଼
କିଏରେ ପାରିବ କହି ?

ଟିକି ଟିକି ଟିକି ଟିକି ଟିକି
ତାରା କରୁଥାଏ ଜିକିଜିକି
ଜହ୍ନମାମୁ ଆଡେ ଚାହିଁ
ମାମୁ ପାଖେ ସିଏ ଦିଶଇ ଫିକା
ଆଦର ତ ପାଏ ନାହିଁ ।

ଟିକି ଟିକି ଟିକି ଟିକି ଟିକି
ଧ୍ରୁବ ତାରା କରେ ଦିକିଦିକି
ଉତ୍ତର ଦିଗରେ ଦିଶେ
ଅନ୍ଧାର ରାତିରେ ବାଟୋଇଟିର
ଆଖିରେ ତା ଆଖି ମିଶେ ।

ଟିକି ଟିକି ଟିକି ଟିକି ଟିକି
ତାରାଟି ନକ୍ଷତ୍ର ଠିକିଠିକି
ସେ ବାପା, ଗ୍ରହ ତା ପୁଅ
ତା କଥା ଆହୁରି ଜାଣିବ ଲତା
ବହି ଆଣି ଆଗେ ଥୁଅ ।


+ଭୁବନେଶ୍ୱର,
ମୋ: ୯୫୮୩୨୦୨୩୫୭




## ପଶୁପକ୍ଷୀ ଦେଖି କାମ ଯିବା ଶିଖି

କୀର୍ତ୍ତନ ସାହୁ

ଦେଖରେ ବିଲୁଆ ଦେଖ
ପଢି ଲେଖି କିଛି ଶିଖି ।
କୁକୁର କରଇ ଭୋଅ
ଦୁଃଖୀ ମଣିଷକୁ ଖୋଅ ।

ଗାଈଟି ଭାରି ସୁଧାର
କଥାଟି କୁହ ମଧୁର ।
ଛେଳିଟି କରୁଛି ମେଁ '
ମନ୍ଦ ବୁଦ୍ଧି ଛାଡି ଦେ' ।

ବାଘଟି କରେ ଗର୍ଜ୍ଜନ
କୁସାଙ୍ଗ କର ବର୍ଜ୍ଜନ ।
ସିଂହ କରେ ଦେଖ ରଡ଼ି
କୁହ ନାହିଁ କଥା ବଢି ।

କଳା ମଚ ମଚ ଭାଲୁ
ହୁଅ ନାହିଁ ଗାଲୁ ଗାଲୁ ।
ହରିଣଟି କନ କନ
ଗୁରୁଜନ କଥା ମାନ ।

କା ' କା ' କରେ କାଉ
ଦେଖାଅନା ମିଛ ଭାଉ ।
ମୟୂରର ନାଚ ଦେଖି
ନାଚ ଗୀତ ଯାଅ ଶିଖି ।

ଶାରୀ କହେ ରାମ ରାମ
ନିଜେ କର ନିଜ କାମ ।
ପଶୁପକ୍ଷୀ ଅନୁସରି
ଭଲ କାମ ଯିବା କରି ।


+ମିଶ୍ର କଲୋନୀ ଶାଳପଡ଼ା
କେନ୍ଦୁଝର - ୨୦
ମୋ: ୯୪୩୮୪୧୪୭୦୧


## ଚୁଇଁ ଚଢେଇ

ଶରତ କୁମାର ଦାସ

ଦେଖିଲା କୁନି ଝରକା ଫାଙ୍କେ
ଖୋଲା ଆକାଶେ ଚାହିଁ ,
ବସିଛି ଏକ ଚୁଇଁ ଚଢେଇ
ଗଛ ଡାଳରେ ଯାଇ ।
ବରଷା ଟୋପା ପଡୁଛି ଦେହେ
ଓଦାରେ ସର ସର,
ପତ୍ର ଗହଳେ କଅଁଳ ଡେଣା
ଥରୁଛି ଥର ଥର ।

କୁନିର ମନ ତରଳି ଗଲା
ଭାବିଲା ଟିକେ ବସି,
ଦେଖିଲା ସିଏ ଚୁଇଁ ଆଖିରୁ
ପଡୁଛି ଲୁହ ଖସି ।
ଡାକିଲା କୁନି ସିନିହ ଭରେ
'ଆ' ରେ ଚୁଇଁ ଆ',
ଭୋକ ହେବଣି ଲାଗୁଛି ମୋତେ
ଖାଇ କି ଗଣ୍ଡେ ଯା' ।

ପୋଛି ଦେବି ମୁଁ ତୋ ଓଦା ଦେହ
ଗାମୁଛା ଗୋଟେ ଆଣି,
ଲାଗିବ ନାହିଁ ତୋ ଦେହେ ଥଣ୍ଡା
ଦେବି ଉଷୁମ ପାଣି ।
ପାଖରେ ମୋର ଶୁଆଇ ଦେବି
କହିବି ଗପ କେତେ,
ସାଙ୍ଗ ହୋଇକି ଖେଳିବା ଖେଳ
ବୁଲିବା ଇଛା ଯେତେ ।'

ଆଣିଲା କୁନି ମୁଠାଏ ଖୁଦ
ଦେଲା ତା' ଆଗେ ବୁଣି,
କହିଲା 'ଚୁଇଁ, ଆ' ଖାଇଦେ
ପାରୁନୁ କିରେ ଶୁଣି !'
ଚୁଇଁ ଚଢେଇ ଶୁଣିଲା ସବୁ
କହିଲା ନାଇଁ ନାଇଁ,
'ମା' ଆସିଲେ ଖୋଜିବ ମୋତେ
ତୋ ପାଶେ ଯିବି ନାହିଁ ।

ଖୋଲା ଆକାଶ ତଳେ ମୁଁ ନିତି
ଖୁସିରେ ଉଡି ବୁଲେ,
ଖୋଲା ପବନ ଦେହେ ମୋ ବାଜେ
ଖୋଲା ଡାଳରେ ଝୁଲେ ।'

ଏତିକି ବେଳେ ଚୁଇଁର ମାଆ
ଆସିଲା ଉଡି ଉଡି,
ମା' କୁ ଦେଖି ମନ ହରଷେ
ଧୂଳିରେ ଗଲା ଗଡି ।

ମା' ସାଥିରେ ହସିହସିକି
ଆକାଶେ ଉଡିଗଲା,
ବିରସ ମନେ ପଛରୁ କୁନି
ଚୁଇଁକୁ ଚାହିଁଥିଲା ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
କେନ୍ଦୁଝର
ମୋ: ୮୨୪୯୧୩୭୦୯୧


## କଲମ ଦିଏ ହସି

ଧ୍ରୁବ ଚରଣ ଘିବେଲା

କୁନିଙ୍କ ହାତେ ଥିଲେ କଲମ
କଲମ ଦିଏ ହସି
କୁନି ହାତର କୁନି ପରଶେ
ଅଜସ୍ର ତାର ଖୁସି ।
କୁନି ହାତରେ ଥାଇ କଲମ
ଦେଖେ ନିତି ସପନ
ନରଖି ମନେ ଗରବ ଭାବ
ବୁଝି ସେବକ ପଣ ।

ଲେଖିବା କର୍ମ ଲେଖିବା ଧର୍ମ
ସେ କଥା ଠିକ ଜାଣେ
ଅଳସ ନାହିଁ ବିଶ୍ରାମ ନାହିଁ
ରହିଲେ ଲେଖା କାମେ ।
କୁନିଙ୍କ ସାଥି ହେବାରେ ଖୁସି
ରହି ତାଙ୍କରି କତି
କୁନି ପିଲାଙ୍କ ସାଥେ ସର୍ବଦା
ପିଲାଙ୍କ ଯହିଁ ଗତି ।
କୁନି ପିଲାଙ୍କ କୁନି ହାତରେ
ରହିଥିଲେ ସର୍ବଦା
କଲମ ମନେ ସାଉଁଟେ ସଦା
ଖୁସି ଯେ ଗଦା ଗଦା ।

କୁନିଙ୍କ ସାଥି କୁନି କଲମ
କୁନିଙ୍କ ସାଥେ ରହି
କୁନିଙ୍କ କଥା ମାନି ସର୍ବଦା
ହରଷ ମନେ ଥାଇ ।
କୁନି ହାତରେ କୁନି କଲମ
ସୁନ୍ଦର ଶୋଭନୀୟ
କୁନି ପିଲାଙ୍କ ଲେଖିବା ମୁଦ୍ରା
ଆଉରି କମନୀୟ ।


+ବଉଦରାଜ, ବୌଦ୍ଧ -୭୬୨୦୧୪
ମୋ.୯୪୩୭୪୭୮୪୬୬

## ଫାମ୍ପୁଣି ଏବଂ ଘିଉରୀରେ ଯାଦବ ମହାସଭାର ବୈଠକ

ଜୟପୁର, ୧୦/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଫାଂପୁଣି ଏବଂ ଘିଉଁରୀ ଗ୍ରାମରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲା ଯାଦବ ସମାଜର ସଂଯୋଜକ ମନୋଜ ମହାକୁଡ଼, ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ସୀମାଞ୍ଚଳ ନାୟକ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଯାଦବ ଏକତା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ନବରଙ୍ଗପୁରରେ ଯେଭଳି ଭାବେ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏହାର ସଫଳତା ଉପରେ ଆଲୋଚନା ହୋଇଥିଲା । ଅନୁରୂପ ଭାବେ ଜୟପୁର ଠାରେ 'ଗୌଡ଼ ଗର୍ଜନ ସମାବେଶ' ନାମରେ ଏକ ସଭା କରିବାକୁ ଉପସ୍ଥିତ ଯୁବକ ମାନେ ମତ ଦେଇଥିଲେ । ଏହି ସମାବେଶରେ ଅବିଭକ୍ତ ଜିଲ୍ଲାରୁ କିପରି ଏକ ଲକ୍ଷରୁ ଅଧିକ ସମାବେଶ ହେବେ ସେନେଇ ଚର୍ଚ୍ଚା ହୋଇଥିଲା ।

## ଶ୍ରୀ ଜଗନ୍ନାଥ ଚାରି ଟେବଲ୍ ଟ୍ରଷ୍ଟ ପକ୍ଷରୁ ଭିନ୍ନକ୍ଷମଙ୍କୁ ୱାକର୍ ପ୍ରଦାନ

କେନ୍ଦ୍ରାପଡ଼ା, ୧୦/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରଗଡ ପଂଚାୟତର ଶିଳ ପୋଖରୀ ଗ୍ରାମର ବିରେନ ବୈଦ୍ୟ ନାମକ ଜଣେ ବ୍ୟକ୍ତି ଦୁର୍ଘଟଣାରେ ଅକ୍ଷମ ହୋଇ ପଡିଥିଲେ । ତାଙ୍କର ପତ୍ନୀ ମଧ ଦୃଷ୍ଟିହୀନ । ଦୁଇ ଦୁଇଟି ଛୋଟ ସନ୍ତାନଙ୍କୁ ଧରି ସେ ପରିବାର ଚଳାଇବାକୁ ସେ ସଂପୂର୍ଣ୍ଣ ଅକ୍ଷମ ଅଟନ୍ତି । ଗଣ ମାଧ୍ୟମରେ ଖବର ପ୍ରସାରିତ ହେବାପରେ ଖବର ପାଇ କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରି ଟେବଲ୍ ଟ୍ରଷ୍ଟ ବିରେନଙ୍କ ବାସ ଭବନରେ ପହଁଚି ପବିତ୍ର ଦୋଳ ଉତ୍ସବରେ ତାଙ୍କୁ ଚାଲିବା ପାଇଁ ଏକ ୱାକର୍ ପ୍ରଦାନ କରିଥିଲେ । ଏହି ୱାକର୍ ମାଧ୍ୟମରେ ସେ ବିଭିନ୍ନ ସ୍ଥାନ ଯାତାୟତ କରିପାରିବେ ବୋଲି ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କେଦାର ସ୍ୱାଇଁ, ରଶ୍ମି ରଞ୍ଜନ ବାରିକ, ଚିତରଞ୍ଜନ ଖୁଣ୍ଟିଆ, ମନୋରଞ୍ଜନ ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ସୂଚନା ଦେଇଛନ୍ତି ।

# ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କରରେ ହେବ ଜଳଯୋଗାଣ



ଭୁବନେଶ୍ୱର , ୧୦/୦୩ (ନି.ପ୍ର): ଖରାଦିନେ ରାଜ୍ୟରେ ଯେପରି ପିଇବା ପାଣି ସମସ୍ୟା ଦେଖାଯିବନି ସେଥିପାଇଁ ବିଭିନ୍ନ ବିଭାଗ ଆବଶ୍ୟକ ପଦକ୍ଷେପ ନେବେ । ରାଜ୍ୟର ସମସ୍ତ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ ହେବ । ଯେଉଁଠି ଜଳ ଅଭାବ ଅଭିଯୋଗ ଆସିବ ତା'ର ତୁରନ୍ତ ସମାଧାନ କରାଯିବ । ଉଭୟ ଗ୍ରାମ୍ୟ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ସୁଗମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ସମୀକ୍ଷା ବୈଠକ ପରେ କୁହାଯାଇଛି ଯେ ଗ୍ରାମାଞ୍ଚଳରେ ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ନଳକୂପ ମରାମତି କରିବା, ମରାମତି ଯନ୍ତ୍ର କ୍ରୟ ନିମନ୍ତେ କମିଟି ଗଠନ, ଜଳ ଯୋଗାଣ ଉତ୍ସ ଯାଞ୍ଚ, ଭ୍ରାମ୍ୟମାଣ ଟିମ୍ ମାଧ୍ୟମରେ ଜଳ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ସ୍କୁଲ ଓ ଅଙ୍ଗନାବାଡ଼ି କେନ୍ଦ୍ରରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ସକାଳ ୮ଟାରୁ ସଂଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ସହରାଞ୍ଚଳରେ ମଧ ଖରାଦିନିଆ ପାନୀୟ ଜଳଯୋଗଣକୁ ସୁନିଶ୍ଚିତ କରିବାକୁ କୁହାଯାଇଛି । ସମସ୍ତ ୧୧୫ଟି ସହରାଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ । ଜଳକ୍ଲିଷ୍ଟ ଅଞ୍ଚଳରେ ପ୍ରାୟ ୩ହଜାର ପିଭିସି ଟ୍ୟାଙ୍କ ବସାଯାଇ ୨୨୫ଟି ଟ୍ୟାଙ୍କର ମାଧ୍ୟମରେ ନିୟମିତ ଭାବେ ଜଳ ଯୋଗାଣ କରାଯିବା ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୈଠକରେ ସୂଚନା ଦିଆଯାଇଥିଲା । ସହରାଞ୍ଚଳରେ ନିୟୋଜିତ ୭୫୬ ଜଣ ଜଳସାଥୀଙ୍କ ମାଧ୍ୟମରେ ପାନୀୟଜଳ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗ୍ରହଣ ଏବଂ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ବିଭାଗ ପକ୍ଷରୁ ଖୋଲାଯିବ । ଦୈନିକ ପ୍ରାୟ ଦେଢ଼ ଲକ୍ଷ ଘରକୁ ୯୭ ଲକ୍ଷ ମିଲିୟନ ଲିଟର ଜଳ ଯୋଗାଣ କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୈଠକରେ ମୁଖ୍ୟ ସଚିବ ପ୍ରଦୀପ ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭିକେ ପାଣ୍ଡିଆନ୍, ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବ ସୁଶିଲ୍ କୁମାର ଲୋହାନୀ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ଏବଂ ବିଭାଗୀୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ ।

## ବିଜେପି ଛାଡି କଂଗ୍ରେସରେ ଯୋଗଦାନ

ଜୟପୁର, ୧୦/୦୩ (ନି.ପ୍ର): ଭାରତୀୟ ଜନତା ପାର୍ଟି ର ଜିଲ୍ଲା, ବ୍ଲକ ଓ ନଗର ସ୍ତରୀୟ କିଛି କାର୍ଯ୍ୟକର୍ତ୍ତା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ ଉପସ୍ଥିତି ରେ କଂଗ୍ରେସ ରେ ଯୋଗଦେଲେ । ଜୟପୁର ବିଧାନସଭା କ୍ଷେତ୍ର ର ଉନ୍ନତି ମୂଳକ କାର୍ଯ୍ୟ , ବିଧାୟକଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ,ବିଜେପିର ଜିଲ୍ଲା ମିଡ଼ିଆ ସଯୋଜକ ସଂଜୟ ବେହେରା, ଜୟପୁର ନଗରର ବିଜେପି ସମ୍ପାଦିକା ଚିନ୍ମୟୀ ପାଇକରାଇ, ଜୟପୁର ବ୍ଲକ ଅନ୍ତର୍ଗତ ପୂର୍ବତନ ବିଜେପି ବ୍ଲକ ସଭାପତି ନରସିଂହ ନାୟକ, ଜୟପୁର ନଗର ର ସନ୍ତୋଷ ସାମନ୍ତରାୟ, ପିଙ୍କି ମହାପାତ୍ର ଓ ଅନ୍ୟାନ୍ୟ ସଦସ୍ୟ କଂଗ୍ରେସରେ ଯୋଗଦେଲେ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ,କୃଷିକ୍ଷେତ୍ର, ପାନୀୟ ଜଳ, ବାସଗୃହ, ସହର ସୌନ୍ଦର୍ଯ୍ୟ କରଣ, ଜଙ୍ଗଲ ଜମି ,ଆଦିବାସୀ ସଂସ୍କୃତିର ବିକାଶ,କଳା ବିଜ୍ଞାନ ଏପରି ବିଭିନ୍ନ କ୍ଷେତ୍ରର ବିକାଶ ଜୟପୁର ବିଧାନସଭା କ୍ଷେତ୍ର ରେ ବାହିନୀପତି ବିଧାୟକ ଙ୍କ ଦ୍ୱାରା ହୋଉଥିବା ଦେଖି ତଥା ଜୟପୁର ସର୍ବପୁରାତନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ରେ ପରିଣତ କରିବାର ସଂକଳ୍ପ ର ପରିଣାମ ସ୍ୱରୂପ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି ବିକ୍ରମଦ୍ୱେ ମହାବିଦ୍ୟାଳୟ । ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ବିଧାନସଭା ରେ ଗୃହ ରେ ଉଠାଇ ସମସ୍ୟା ସମାଧାନ କରୁଥିବାରୁ ବାହିନୀପତି ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ଏହି ଅଂଚଳର ବିକାଶରେ ନିଜ ଶ୍ରମ ଦାନ କରିବା ସକାଶେ ବିଜେପି ପାର୍ଟି ଛାଡି କଂଗ୍ରେସ ରେ ଯୋଗଦେଲେ ।ଆଗାମୀ ଦିନରେ ଅନେକ ଲୋକଭି ଏହିପରି କଂଗ୍ରେସ ରେ ଯୋଗଦେବେ ବୋଲି ବାହିନୀପତି କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି,ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ବାହିନୀପତି, ବରିଷ୍ଠ ନେତା ଲକ୍ଷ୍ମୀ ନାରାୟଣ ପାଢ଼ୀ,ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟନାୟକ,ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ସାଧୁ ଚରଣ ଦାଶ ଚୌଧୁରୀ, ପିଲୁ ମହାପାତ୍ର ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ଜେଲ୍ ସଂସ୍କାର ମାମଲା

# ଯାଜପୁର, ମାଲକାନାଗିରି ଜେଲ୍‌ରେ କ୍ଷମତାରୁ ବହୁ ଅଧିକ କଏଦୀ

କଟକ , ୧୦/୦୩ (ନି.ପ୍ର): ରାଜ୍ୟରେ ଥିବା ଜେଲ ଗୁଡିକର ଭିତ୍ତଭୂମି ବିକାଶ ଓ ବନ୍ଦୀଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି ହାଇକୋର୍ଟ । ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜେଲ ସଂସ୍କାର ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିବା ବେଳେ ଆଜି ଜେଲ୍ ଡିଜି ମନୋଜ କୁମାର ଛାବରା ଜେଲ୍ ସଂସ୍କାର ଦିଗରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଛନ୍ତି । କିନ୍ତୁ ଜେଲ୍ ଆଧୁନିକୀକରଣ ପାଇଁ ଦିଆଯାଇଥିବା ଅର୍ଥ, ଜେଲ୍ ପୁନର୍ଗଠନ ସଂପର୍କିତ ନିଷ୍ପତ୍ତି ସଂକ୍ରାନ୍ତରେ ସବିଶେଷ ତଥ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ରଖିବାକୁ ଅଦାଲତ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜେଲ ଡିଆଇଜିଙ୍କ ତରଫରୁ ପୂର୍ବରୁ ଦାଖଲ ସତ୍ୟପାଠରୁ ସ୍ପଷ୍ଟ ହୋଇଥିଲା ଯେ ଯାଜପୁର ସବ୍-ଜେଲରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ୭୭ ପ୍ରତିଶତ ଅଧିକ ବନ୍ଦୀ ରହିଥିବା ବେଳେ ପାଖ ଜେଲ ଗୁଡିକୁ ସେମାନଙ୍କୁ ସ୍ଥାନାନ୍ତର କରାଯିବା ପରେ ଏହା ୪୮ ପ୍ରତିଶତକୁ ହ୍ରାସ ପାଇଛି । ଯାଜପୁରରେ ନୂଆ ସବ୍-ଜେଲ ନିର୍ମାଣ ପାଇଁ ୨୦ ଏକର ଜମି ଚିହ୍ନଟ କରାଯାଇଛି । ମାଲକାନଗିରିକୁ ଛାଡ଼ି ଅନ୍ୟ ଜେଲ ଗୁଡିକରେ ଭିଡ ହ୍ରାସ ପାଇଛି । କିନ୍ତୁ ମାଲକାନଗିରି ସବ୍-ଜେଲରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ପୂର୍ବରୁ ୩୭ ପ୍ରତିଶତ ଅଧିକ ବନ୍ଦୀ ଥିବା ବେଳେ ଏହି ସଂଖ୍ୟା ୪୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ଅନ୍ୟପଟେ କେତେକ ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲେ ମଧ ଅଦାଲତଙ୍କ ଦ୍ୱାରା ଧାର୍ଯ୍ୟ ସର୍ତ୍ତ ଅନୁସାରେ ବେଲ-ବଣ୍ଡ୍ ଦେଇ ପାରି ନଥିବାରୁ ସେମାନେ ଜାମିନରେ ଜେଲରୁ ମୁକୁଳି ପାରି ନଥିବା ଘଟଣା ପ୍ରସଂଗରେ ଆମିକସ୍ କ୍ୟୁରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ (ଡିଏଲଏସଏ) ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ଏଭଳି ଭାବେ ୪୫ଜଣ ବନ୍ଦୀ ବିଭିନ୍ନ ଜେଲରୁ ବାହାରି ପାରୁ ନାହାନ୍ତି । ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହିତ ଗ୍ରହଣ କରି ଏପରି ବନ୍ଦୀଙ୍କୁ ଜେଲରୁ ମୁକ୍ତି ପାଇଁ ଉପଯୁକ୍ତ ଅଦାଲତରେ ଜାମିନ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୧୦ ସୁଦ୍ଧା ଏହି ପ୍ରସଂଗରେ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି । ସେହିଭଳି ଖାଲି ପଡ଼ିଥିବା ଜେଲ ମେଡିକାଲ ଅଫିସର ପଦ ୨୦୨୩, ମେ ସୁଦ୍ଧା ପୂରଣ ହେବ ବୋଲି ଭର୍ଚୁଆଲ ବ୍ୟବସ୍ଥାରେ ହାଜର ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ସଚିବ ଏସ.ପଣ୍ଡିତ ହାଇକୋର୍ଟଙ୍କୁ ଅବଗତ କରିଥିଲେ । କ୍ଲିନିକାଲ ସାଇକୋଲୋଜିଷ୍ଟ ଓ ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ପଦ ପୂରଣ ପାଇଁ ଖୁବ ଶିଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମଧ କୋର୍ଟଙ୍କୁ ଅବଗତ କରାଯାଇଛି । ରାଜ୍ୟରେ ଏବେ ୮୭ଟି ଜେଲ ଓ ସବ୍-ଜେଲରେ ଆମ୍ବୁଲାନ୍ସ ନାହିଁ । ଅତି କମରେ ଆଉ ୧୦ଟି ଆମ୍ବୁଲାନ୍ସ ଜେଲ ବିଭାଗକୁ ପ୍ରଦାନ କରିବା ଲାଗି ଗୃହ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତାଳଚେର ସ୍ୱେଶାଲ ଜେଲରେ ଜଣେ ବନ୍ଦୀଙ୍କୁ ନିର୍ଯାତନା ନେଇ ଅଭିଯୋଗର ଶୁଣାଣି କରି ହାଇକୋର୍ଟ ତୁରନ୍ତ ପଦକ୍ଷେପ ନେବାକୁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ଜଣେ ବନ୍ଦୀଙ୍କୁ ଜେଲରୁ ମୁକ୍ତ କରାଯିବା ପ୍ରସ୍ତାବ ୨୦୨୧, ଜୁଲାଇ ୨୩ରୁ ବିଚାରାଧୀନ ରହିଥିବା ଖୋର୍ଦ୍ଧା ଡିଏଲଏସଏ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା । ଏହି ପ୍ରସ୍ତାବକୁ ଅନୁଧ୍ୟାନ କରି ମେ ୩୧ ସୁଦ୍ଧା ନିଷ୍ପତ୍ତି ଗ୍ରହଣ କରିବାକୁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଦୁଇ ମାସ ଭିତରେ ସବୁ ଡିଏଲଏସଏ ସଚିବମାନେ ସେମାନଙ୍କ ଜିଲ୍ଲାର ଜେଲ ଓ ସବ-ଜେଲ ଗୁଡିକୁ ବିନା ପ୍ରାକ୍ ସୂଚନାରେ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ । ଏ ସଂପର୍କିତ ରିପୋର୍ଟ ହାଇକୋର୍ଟରେ ମେ ୩୧ ସୁଦ୍ଧା ଦାଖଲ ହେବ ବୋଲି ହାଇକୋର୍ଟ କହିଛନ୍ତି । ଜୁନ୍ ୨୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।

କୃଷ୍ଣ ପ୍ରସାଦ ସାହୁଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆମିକସକ୍ୟୁରୀ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି ।

## ରାଜ୍ୟସ୍ତରୀୟ ଟାଇକଣ୍ଡୋ ଖେଳାଳୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୦/୦୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଆଜି ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ ଟାଇକଣ୍ଡୋ ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁୟାରୀ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ପୁରୀର ସତିରାନୀଘାଟ ସ୍ଥିତ ଇନଡୋର ହଲ୍ ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ଜୁନିୟର ବାଳିକା ଖିରୋଗୀ (ଫାଇଟ) ବିଭାଗରେ କୌଶଲ୍ୟା ଷାଣ୍ଢ ୪୬ (କେଜି) ବ୍ରୋଂଚ ପଦକ, ପ୍ରିୟଙ୍କା ପଶାୟତ ଓ ପରିମିତା ବିଶ୍ୱାଳ (୪୯ କେଜି) ବ୍ରୋଂଚ ପଦକ ହାସଲ କରିଥିଲେ । ଏହି ଅବସରରେ ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ବନଅଧିକାରୀ ନିତିଶ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବଲାଙ୍ଗିର ବ୍ଲକ ଏଜୁକେସନ ଅଫିସର ଲୋକନାଥ ସୁନା ଓ ଯୁବନେତା ଆକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନିଜସ୍ୱ ଏକ ଟାଇକଣ୍ଡୋ ଟ୍ରେନିଂ ହଲ ହେଲେ ଛାତ୍ର ଛାତ୍ରୀ ଆଗାମି ଦିନରେ ଏହି ଖେଳରେ ନିଜର ଭବିଷ୍ୟତ ଗଢି ପାରିବେ ବୋଲି କୋଚ ଅସୀମ ଭୋଇ କହିଛନ୍ତି । ଏହି ଅନୁଷ୍ଠାନର ଭିତିଭୂମି ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସଙ୍ଗେ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ ଗୁଡିକ ଅତି ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ।

# ଆମେରିକାର ଆନ୍ତର୍ଜାତୀୟ ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମରେ ଭବାନୀ ଶଙ୍କର



ଭୁବନେଶ୍ୱର , ୧୦/୦୩ (ନି.ପ୍ର): ଆସନ୍ତା ୧୩ ତାରିଖରୁ ଆମେରିକାରେ ୩ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମ(ଆଇଭିଏଲପି)ରେ ଓଡ଼ିଶାରୁ ୬ଜଣ ପ୍ରତିନିଧି ଯୋଗଦେବେ । ଏଥିରେ ସମ୍ବାଦର ଉପ-ମହାପ୍ରବନ୍ଧକ(ବାର୍ତ୍ତା) ଭବାନୀ ଶଙ୍କର ତ୍ରିପାଠୀ ରହିଛନ୍ତି । 'ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା ସଂରକ୍ଷଣ' ପ୍ରକଳ୍ପ ପାଇଁ ଏହି ପ୍ରତିନିଧିମାନଙ୍କୁ ଚୟନ କରାଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଶ୍ରୀ ତ୍ରିପାଠୀଙ୍କ ସମେତ ପୁରୀର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ଆବାହକ ସୌମ୍ୟରଂଜନ ବିଶ୍ୱାଳ, ରାଉରକେଲାର ଗିଫ୍ଟ କ୍ରପ୍‌ର ପ୍ରତିଷ୍ଠାତା ସସ୍ମିତା ମହାପାତ୍ର, କୋରାପୁଟର ଗୁପ୍ତେଶ୍ୱର ହର୍ବାଲ ମେଡିସିନ୍ ଏଣ୍ଡ ଟ୍ରାଡିସିନାଲ ଟେକ୍‌ନୋଲୋଜି ରିସର୍ଚ୍ଚ ସେଣ୍ଟର ସଂପାଦକ ହରି ପାଙ୍ଗୀ, ଗଞ୍ଜାମର ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ଓ ବସୁନ୍ଧରାର ରିସର୍ଚ୍ଚ ଅଫିସର ଅର୍ଚ୍ଚନା ସୋରେଙ୍ଗ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

୧୯୪୦ ମସିହାରୁ ଆମେରିକାର ଆଇଭିଏଲ୍‌ପି କାର୍ଯ୍ୟକ୍ରମ ଜାରି ରହିଛି । ବୈ ?ଦେଶିକ ନେତୃବୃନ୍ଦଙ୍କ ସହିତ ଆମେରିକାର ବର୍ତ୍ତମାନର ନେତୃତ୍ୱଙ୍କ ସହ ସଂପର୍କ ସ୍ଥାପନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱବ୍ୟାପୀ ଆମେରିକାର ଥିବା ଦୂତାବାସ ପକ୍ଷରୁ ପରିଦର୍ଶନକାରୀଙ୍କୁ ଚୟନ କରାଯାଇଥାଏ । ଏ ଯାଏ ୨.୫ଲକ୍ଷ ଅନ୍ତର୍ଜାତୀୟ ପରିଦର୍ଶକ ଏଥିରେ ସାମିଲ ହୋଇସାରିଛନ୍ତି । ତହିଁରେ ୩ଶହ ଜଣ ବର୍ତ୍ତମାନ ଓ ପୂର୍ବତନ ରାଷ୍ଟ୍ର ମୁଖ୍ୟ ରହିଛନ୍ତି ।

ଉଲ୍ଲେଖଥାଉକି, ପୁରୀ ଜିଲ୍ଲା ବୀରରାମଚନ୍ଦ୍ରପୁରର ବାସିନ୍ଦା ଶ୍ରୀ ତ୍ରିପାଠୀ ୧୯୯୯ ମସିହାରୁ ରାଜ୍ୟ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି । ରାଜନୀତି ସମେତ ସାମାଜିକ ସମସ୍ୟା ଓ ପରିବେଶ ଉପରେ ସେ ଲଗାତାର ଖବର ପରିବେଷଣ କରିଆସୁଛନ୍ତି । ବିଶେଷ କରି ବଜ୍ରକାପ୍ତାର ଚୋରା ଚାଲାଣକୁ ରୋକିବା ଦିଗରେ ନିଜ ଖବର ଜରିଆରେ ଲୋକମାନଙ୍କୁ ସଚେତନ କରିବା ଓ ଜଳବାୟୁ ଓ ତାପମାତ୍ରା ବୃଦ୍ଧି ସଂପର୍କିତ ଖବର ଉପରେ ମଧ ତାଙ୍କର ଦକ୍ଷତା ରହିଛି । ନିଜ ପ୍ରତିକ୍ରିୟାରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଆମେରିକାର ଜଳବାୟୁ ପରିବର୍ତ୍ତନ ନୀତି ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକିବାଲା ଉପରେ ଯଥେଷ୍ଟ ପ୍ରଭାବ ରହିଛି । ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଗ୍ରିନ୍ ହାଉସ୍ ଗ୍ୟାସ୍(ସବୁଜ ଗ୍ୟାସ୍) ନିର୍ଗମନକାରୀ ଦେଶ ହେଉଛି ଆମେରିକା । ଏହାସହ ମୁଣ୍ଡପିଛା ଗ୍ରିନ୍ ହାଉସ ଗ୍ୟାସ ନିର୍ଗମନ ଦେଶରେ ଆମେରିକା ସର୍ବାଗ୍ରେ ରହିଛି । ଆମେରିକା ୪ଶହ ବିଲିଅନ୍ ଗ୍ରିନ୍ ହାଉସ ଗ୍ୟାସ୍ ନିର୍ଗମନ କରିଥିବା ବେଳେ ଏହା ବିଶ୍ୱର ଯେ କୌଣସି ରାଷ୍ଟ୍ରଠାରୁ ଯଥେଷ୍ଟ ଅଧିକ । ତେଣୁ ସ୍ଥାନୀୟ ପ୍ରଶାସନ ସମେତ ଏନ୍‌ଜିଓ ଓ ଗଣମାଧ୍ୟମରେ ସବୁଜ ଗ୍ୟାସ୍‌ର ମୁକାବିଲା ନେଇ କେଉଁ କେଉଁ ପ୍ରକାର ପଦକ୍ଷେପ ନିଆଯାଉଛି ତାହା ଉପରେ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି ।

ଏହି ଉପଲକ୍ଷେ ଶ୍ରୀ ତ୍ରିପାଠୀଙ୍କୁ ଆଜି ସମ୍ବାଦ ଭବନରେ ସମ୍ବର୍ଦ୍ଧିତ କରଯାଇଛି । ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ବାର୍ତ୍ତା ବିଭାଗ ମୁଖ୍ୟ ଅରବିନ୍ଦ ଦାସ, ମହାପ୍ରବନ୍ଧକ ମହମ୍ମଦ ହିଫ୍‌ଜୁର ରହେମାନ୍, ମୁଖ୍ୟ ସଂଯୋଜକ ଚିତ୍ତରଞ୍ଜନ ଚିରଞ୍ଜିତ, ମୁଖ୍ୟ ରିପୋର୍ଟର ଚୌଧୁରୀ ଅମିତାଭ ଦାସଙ୍କ ସମେତ ଅନ୍ୟ ସମସ୍ତ ସହଯୋଗୀ ଉପସ୍ଥିତ ରହି ଶ୍ରୀ ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ସଚେତନ କଲେ ମୟୂରଭଞ୍ଜ ମହାରାଜ ଓ ମହାରାଣୀ



କଳାବାଡ଼ିଆ, ୧୦/୦୩ (ନି.ପ୍ର): ହୁତୁହୁତୁ ହୋଇ ଜଳୁଛି ଶିମିଳିପାଳ । ବାଙ୍ଗିରିପୋଷିରୁ ଆରମ୍ଭ କରି ବିଶୋଇ ରେଞ୍ଜର ବିସ୍ତୀର୍ଣ୍ଣ ଅଞ୍ଚଳରେ ଲାଗିଛି ନିଆଁ । ଘନ ଘନ ବୈଠକ, ଝାଳବୁହା ପରିଶ୍ରମ ସତ୍ତ୍ୱେ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ବନ ବିଭାଗ । ଗୋଟିଏ ସ୍ଥାନରେ ନିଆଁ ଲିଭାଇଲା ବେଳକୁ ଅନ୍ୟ ସ୍ଥାନରେ ଜଳୁଛି । ମହୁଲ ଫୁଲ ପଡ଼ିବା ସମୟ ହୋଇଥିବାରୁ ଗଛ ମୂଳରେ ଲୋକେ ନିଆଁ ଲଗାଇ ଦେଉଛନ୍ତି ବୋଲି କହୁଛି ବନ ବିଭାଗ । ହେଲେ ବାସ୍ତବ କଥା ଅନ୍ୟପ୍ରକାର ବୋଲି ଚର୍ଚ୍ଚା ହେଉଛି । କାଠ ବେପାରୀ, ପଶୁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଶିମିଳିପାଳ ଜଙ୍ଗଲରେ ପଡ଼ିଛି । ବନ ବିଭାଗର ଦୃଷ୍ଟିକୁ ଅନ୍ୟତ୍ର ନେବା ପାଇଁ ଜଙ୍ଗଲରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦିଆଯାଉଛି । ଏଭଳି ପରିସ୍ଥିତିରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଭଞ୍ଜଦେଓ ଓ ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଜଙ୍ଗଲ ନିଆଁକୁ ରୋକିବା ଲାଗି ରାଜଉଆସରୁ ପାଦ କାଢ଼ିଛନ୍ତି । ଶିମିଳିପାଳ ଅଭୟାରଣ୍ୟର ତାଳବନ୍ଧ ଡାକବଙ୍ଗଳା ଓ ଚାକିଡିଠାରେ ସଚେତନତା ଶିବିର କରିଛନ୍ତି । ସେପଟେ ସମାଜସେବୀ ତଥା ପରିବେଶବିତ୍ ସଂଯୁକ୍ତା ବସା ମଧ ବନ ବିଭାଗକୁ ସହାୟତାର ହାତ ବଢାଇଛନ୍ତି । ସ୍ୱୟଂସହାୟକ ଗୋଷ୍ଠୀ ମହିଳା, ଗ୍ରାମବାସୀ, ସବୁଜବାହିନୀ, ବନ କର୍ମଚାରୀ ସମସ୍ତେ ବନାଗ୍ନିକୁ ଆୟତ୍ତ କରିବା ପାଇଁ ସମ୍ମିଳିତ ପ୍ରଚେଷ୍ଟା ଚଳାଇଛନ୍ତି । ଚଳିତବର୍ଷ ପ୍ରଥମ ଜଙ୍ଗଲ ନିଆଁ ବିଶୋଇ ପଟୁ ମାଡ଼ିଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ତାଳବନ୍ଧ ରେଞ୍ଜର କୁମ୍ଭିରଡୁବି ଓ ଆଖପାଖ ଜଙ୍ଗଲରେ ଏବେ ବି ନିଆଁ ଲାଗିଛି । ତାଳବନ୍ଧ ସଚେତନତା ଶିବିରରେ ଫରେଷ୍ଟର ଅବନୀ ଜେନା କହିଥିଲେ, କମ୍‌ସଂଖ୍ୟକ କର୍ମଚାରୀ ଯୋଗୁଁ ନିଆଁକୁ ଆୟତ୍ତ କରିବା ସମ୍ଭବପର ହେଉନାହିଁ । ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ କହିଥିଲେ, ମୁଁ ରାଜସ୍ଥାନରୁ ଆସିଛି । ସେଠାରେ ପାଣିର ଘୋର ଅଭାବ । ବର୍ଷତମାମ୍ ଘରର ଝିଅବୋହୂ ୫/୬ କିଲୋମିଟର ଦୂରରୁ ପାଣି ଆଣି ବହୁ କଷ୍ଟରେ ଚଳନ୍ତି । ଏଠାରେ ତ ବିଶାଳ ଜଙ୍ଗଲ ଅଛି । ଜଙ୍ଗଲକୁ ସୁରକ୍ଷା ଦେଇ ପାଣି, ପବନ ପାଆନ୍ତୁ । ଶିବିରରେ ତାଳବନ୍ଧ ରେଞ୍ଜର ଶୈଳେନ୍ଦ୍ର ଦାସ, ଏସିଏଫ ନିକେଶ ମହାପାତ୍ର, ଶ୍ୟାମସୁନ୍ଦରପୁର ଫରେଷ୍ଟର ଖଗେଶ୍ୱର ସେଠୀ, ତାଳବନ୍ଧ ଫରେଷ୍ଟର ଅବନୀ ଜେନା, ଘାଟକୁଆଁରୀ ଫରେଷ୍ଟ ଗାର୍ଡ ସବିତା ନାଏକଙ୍କ ସହିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୦/୦୩ (ନି.ପ୍ର): ଜୟପୁର ଟାଉନ ହଲଠାରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌର ପାଳିକା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦାନ କରିଥିଲେ ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟ ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ଜୟପୁର ପୌରାଞ୍ଚଳର ୪୧୩ ଜଣ ଙ୍କ ମଧ୍ୟରୁ ୨୬୨ ଜଣଙ୍କୁ ପ୍ରଦାନ କରାଯାଇଛି ।

## ବିଦେଶରେ ଭାରତ ବିରୋଧୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ପୂର୍ବରୁ ଇସଲାମାବାଦସ୍ଥିତ ଇଣ୍ଟରନେସନାଲ ଇସଲାମିକ ୟୁନିଭରସିଟୀରେ ୨୦ବର୍ଷ ପାଇଁ ଜୁନ୍ ୧୯୮୫ରୁ ମଇ ୨୦୦୫ ଯାଏଁ ସେ ଅଧ୍ୟାପନା କରିଥିଲା । ଏହି ଗୋଷ୍ଠୀର ଅନ୍ୟଜଣେ ପାକିସ୍ତାନୀ ହେଲେ ଜେଏଫ୍ଏରେ ଅଧକ୍ଷା ଭାବେ କାର୍ଯ୍ୟରତ ଏବଂ ମୁସଲିମ୍ ନେଟୱାର୍କ ଟିଭିର ଉପସ୍ଥାପିକା । ଜେଏଫ୍ର ଫ୍ରି କାଶ୍ମୀର ପ୍ରକଳ୍ପକୁ ଚଳାଉଥିବା ଲୋକଙ୍କ ମଧ୍ୟରେ ସେ ଅନ୍ୟତମ । ଜେଏଫ୍ଏ କାନାଡାର ୱେବସାଇଟରେ ଯେଉଁସବୁ ତଥ୍ୟ ପ୍ରଦାନ କରାଯାଇଛି,ସେସବୁର ଉତ୍ସ କାଶ୍ମୀର ମିଡିଆ ସର୍ଭିସ ଏବଂ ସିଜେ ୱାର୍ଲେମାନ ହିଁ ରହିଆସିଛି ।

କାଶ୍ମୀର ମିଡିଆ ସର୍ଭିସ ସ୍ୱର୍ଗତ ଶେଖ୍ ତାଜମ୍ମୁଲ ଇସଲାମଙ୍କ ଦ୍ୱାରା ଇସଲାମାବାଦରେ ପଞ୍ଜିକୃତ କାଶ୍ମୀର ସମ୍ବାଦ ସେବା ଯାହା ପାକ୍ର ଦୃଷ୍ଟିକୋଣ ଆଧାରିତ ସମ୍ବାଦ ପରିବେଷଣ କରିଥାଏ । ତାଜମ୍ମୁଲ ଇସଲାମ ଶ୍ରୀନଗରର ବାସିନ୍ଦା ହେଲେ ହେଁ ୧୯୮୦ ଦଶକରେ ସେ ପାକ୍କୁ ଚାଲିଯାଇଥିଲେ । ୧୯୮୦ଦଶକରେ ସେ ସ୍କୁଲ ପିଲାମାନଙ୍କୁ କାଶ୍ମୀରରେ ଜମିଆତ-ଇ-ତଲାବାରେ କାର୍ଯ୍ୟକରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ସେ ଜମାତେ ଇସଲାମୀର 'ଦୈନିକ ଅଜାନ'ର ମୁଖ୍ୟ ସଂପାଦକ ଦାୟିତ୍ୱରେ ଥିଲେ । ସେପ୍ଟେମ୍ବର ୨୦୨୧ରେ ତାଜମ୍ମୁଲଙ୍କର ମୃତ୍ୟୁ ହୋଇଥିଲା । କାଶ୍ମୀର ମିଡିଆ ସର୍ଭିସ ଅନେକ ସମୟରେ ଭାରତ ବିଷୟରେ ମିଛ ଖବରମାନ ପ୍ରସାର କରିଥାଏ ।

ସିଜେ ୱାର୍ଲେମାନ ଜଣେ ଅଷ୍ଟ୍ରେଲିୟ ସାମ୍ବାଦିକ ଯିଏକି ଫରିଦ ଜାକରିଆ, ୱିଲିୟମ ବ୍ରୋଲେସ ଜୁନିଅର, ରୋବର୍ଟ ପେପେ, ଏଡୁଆର୍ଡୋ ପୋର୍ଟର ଆଦି ଲେଖକଙ୍କ ଲେଖାକୁ କପି କରି ଲେଖିଥାଏ । କାଶ୍ମୀର ଓ ପାଲେଷ୍ଟାଇନ ସଂପର୍କୀତ ଅନେକ ମିଛ ଖବର ସେ ପ୍ରସାରିତ କରିଥାଏ । ୨୩ ନଭେମ୍ବର ୨୦୨୧ରେ ଭାରତ ବିରୋଧୀ ବୟକଟ, ଡିଭେଷ୍ଟମେଣ୍ଟ ଏଣ୍ଡ୍ ସାଙ୍କସନ୍ସ ମୁଭମେଣ୍ଟ (ବିଡିଏସ୍ ମୁଭମେଣ୍ଟ)ରେ ସେ ସାମିଲଥିଲା । ଏମିତି ଦେଖିବାକୁ ଗଲେ ଅନେକ ଗୋଷ୍ଠୀ ଏବଂ ବ୍ୟକ୍ତି କାଶ୍ମୀର ସଂକ୍ରାନ୍ତରେ ଅନବରତ ମିଛ ଖବରମାନ ପ୍ରସାରିତ କରି ବିଶ୍ୱରେ ଜନସାଧାରଣଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି ।

+ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ନୀଳଗିରି ବ୍ଲକ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ସଚିବଙ୍କୁ ଚିଠି ଲେଖିଲେ ବିଧାୟକ



ନୀଳଗିରି, ୧୦/୦୩ (ନି.ପ୍ର): ରାଜ୍ୟ ସରକାର ଆଦିବାସୀ ଜନଜାତି ଲୋକଙ୍କ ଭାଷା, ସଂସ୍କୃତି, ଜୀବନଶୈଳୀ ଏବଂ ସେମାନଙ୍କର ସାମଗ୍ରୀକ ବିକାଶ ପାଇଁ ରାଜ୍ୟର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବାର ଉଦ୍ଦେଶ୍ୟ ନେଇ ୯ଗୋଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ନୀଳଗିରି ଭଳି ବ୍ଲକରେ ଯେତେବେଳେକି ୭୩% ରୁ ଉର୍ଦ୍ଧ୍ୱ ଆଦିବାସୀ ଜନଜାତିର ଜନସାଧାରଣ ବସବାସ କରୁଛନ୍ତି । ବିଡ଼ମ୍ବନା ବିଷୟ ନୀଳଗିରି ବ୍ଲକର ଭୌଗଳିକ ଦୃଷ୍ଟି କୋଣରୁ ପାଖ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ଜି.ବି.ନଗର, ଉଦଳା ଏବଂ କପ୍ତିପଦା ବ୍ଲକରେ ଏହି ଉନ୍ନୟନ ପରିଷଦ କାର୍ଯ୍ୟକ୍ଷମ ହୋଇ ଆଦିବାସୀ ଜନଜାତିର ଲୋକମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ଏନେଇ ବର୍ତ୍ତମାନ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ରାଜ୍ୟ ସରକାରଙ୍କ ଆଦିବାସୀ ଓ ଜନଜାତି ବିଭାଗର ପ୍ରିନ୍ସାପାଲ ସେକ୍ରେଟାରୀଙ୍କୁ ଚିଠି ଲେଖି ନୀଳଗିରିକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିବା ପାଇଁ ୬/୧୧/୨୦୧୯ ତାରିଖରେ ଚିଠି ଲେଖିଥିଲେ । ଯାହା ବର୍ତ୍ତମାନର ରାଜ୍ୟସଭା ସାଂସଦ ତଥା ସେତେବେଳର ଉପଦେଷ୍ଟା ସୁଜିତ କୁମାରଙ୍କ ନିକଟକୁ ଅନୁଧ୍ୟାନ ପାଇଁ ପଠାଯାଇଥିଲା । ମାତ୍ର ଦୀର୍ଘଦିନ ବିତିଯାଇଥିଲେ ବି ନୀଳଗିରି ଭଳି ଆଦିବାସୀ ବହୁଳ ଅଂଚଳରେ ଏହି ଉନ୍ନୟନ ପରିଷଦ କାର୍ଯ୍ୟକ୍ଷମ ନ ହେବା ଫଳରେ ଶନିବାର ବିଧାୟକ ଇଂ. ସୁକାନ୍ତ ନାୟକ ଆଦିବାସୀ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ଏବଂ ସର୍ବାଙ୍ଗୀନ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଭାଗୀୟ ପ୍ରମୁଖ ସଚିବଙ୍କୁ ଚିଠି ଲେଖି ତୁରନ୍ତ ନୀଳଗିରିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବାକୁ ଦାବୀ ରଖିଛନ୍ତି । ଫଳରେ ବ୍ଲକରେ ଆଦିବାସୀ ଜନଜାତି ଲୋକ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ।

## ପଂଚାୟତ କାର୍ଯ୍ୟାଳୟ ତାଲା ଭାଂଗି ରେକର୍ଡପତ୍ର ଚୋରି

ଜଳେଶ୍ୱର, ୧୦/୩(ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଆରୁହା ପଂଚାୟତ କାର୍ଯ୍ୟାଳୟ ଅଫିସ୍ ତାଲା ଭାଂଗି ଦୁବୃର୍ତ୍ତମାନେ କେତେକ ଦରକାରୀ କାଗଜପତ୍ର ଚୋରି କରିନେଇଯାଇଥିବା ଜଣାଯାଇଛି । ଏ ସଂପର୍କରେ ସରପଂଚ ତପନୀ ଭୂୟାଁ ଆଜି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପଂଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ, ଅଫିସ୍ ରୋମ୍, ସରପଂଚଙ୍କ ପ୍ରକୋଷ୍ଠ, ପିଇଓଙ୍କ ପ୍ରକୋଷ୍ଠ ଓ ମଧୁବାସନ୍ତି ମହାସଂଘର ଅଫିସ୍ ତାଲା କଟର ସାହାର୍ଯ୍ୟରେ କାଟିବା ସହିତ ଅଫିସ୍ ମଧ୍ୟରେ ଥିବା ୩ଟି ଷ୍ଟିଲ ଆଲମାରୀକୁ ଭାଂଗି ଦରକାରୀ ଓ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗୁଡିକୁ ନେଇ ଯାଇଥିବା ଜଣାଯାଇଛି । ଆଜି ସକାଳେ ଲୋକେ ଏହା ଦେଖି ସରପଂଚକୁ ଖବର ଦେବାପରେ ଥାନାରେ ଅଭିଯୋଗ କରାଯାଇଥିଲା । ପୁଲିସ୍ ଏ ସଂପର୍କରେ ତଦନ୍ତ ଚଳାଇଥିବା ଜଣାଯାଇଛି ।

## ଗଜାମ ଛକ ଠାରୁ ଗୋବିନ୍ଦପୁର ଆର.ଡ଼ି. ରାସ୍ତା ମରାମତି କାର୍ଯ୍ୟ ନିମ୍ନ ମାନର ଅଭିଯୋଗ

ଉଦଳା, ୧୦/୦୩ (ନି.ପ୍ର): ଉଦଳା- ବାରିପଦା ରାଜପଥକୁ ଛୁଇଁଥିବା ବୃନ୍ଦାବନଚନ୍ଦ୍ରପୁର ନିକଟ ଗଜାମ ଛକ ଠାରୁ ଗୋବିନ୍ଦପୁର ଭାୟା ଗଡ଼ିଗାଁ ୧୨ କିମି ରାସ୍ତା ଯାତାୟତ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷେ ସାଜିଛି ମରଣଯନ୍ତା । ଉକ୍ତ ରାସ୍ତାଟି ଉପରେ ଉଦଳା ବ୍ଲକର ପାଟଶାଣିପୁର ଓ ଖୁଂଟା ବ୍ଲକର କରକଟିଆ, ଗଡ଼ିଗାଁ ଓ ବୃନ୍ଦାବନଚନ୍ଦ୍ରପୁର ମୋଟ ୪ ଗୋଟି ପଂଚାୟତର ଲୋକେ ନିର୍ଭର କରିଥାନ୍ତି । ଉଦଳା କିମ୍ବା ବାରିପଦା ଯିବା ପାଇଁ ରାଜପଥକୁ ଛୁଇଁବାକୁ ହେଲେ ଏହିସବୁ ପଂଚାୟତର ବାସିନ୍ଦାଙ୍କ ପାଇଁ ଏହା ମୁଖ୍ୟ ରାସ୍ତା ଅଟେ । ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ଏପରି ହୋଇଛଇ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଯଦିଓ ଉକ୍ତ ରାସ୍ତାର ମରାମତି ପାଇଁ କାର୍ଯ୍ୟ ଚାଲିଛି ଏହି ମରାମତି କାର୍ଯ୍ୟ ମଧ ନିମ୍ନମାନର ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି । ବିଭାଗୀୟ କତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବି ଜଣାଇଛନ୍ତି ।

## ଆଜାଦ ହିନ୍ଦ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



ବାସୁଦେବପୁର, ୧୦/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ଆଜାଦ ହିନ୍ଦ ସାମାଜିକ ସେବା ସଂଗଠନ ପକ୍ଷରୁ ଅଷ୍ଟମ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଂଗଠନ ର ସଭାପତି ରଞ୍ଜନ ନାୟକ ଓ ସମ୍ପାଦକ ବିଭୁଦତ୍ତ ନାୟକ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଅଜୟ ନାୟକ, ରାଜେଶ ନାୟକ, ଶେଷଦ୍ରି ନାୟକ, ଗୌତମ ରାଉତ, ଅନୁପମ ମଲିକ ପ୍ରମୁଖ ଯୋଗ ଦେଇ ଥିଲେ । ସମୁଦାୟ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା କ୍ଷ ସକାଳ ସମୟରେ ଗଣ ଦୌଡ ରେ ସମସ୍ତେ ଅଂଶ ଗ୍ରହଣ କରିଥିଲେ ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବସ୍ତା, ୧୦/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିନରେଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ଦଶମ ଶ୍ରେଣୀ ବୁଡ ପରୀକ୍ଷା ଆଜି ଶୁଭାରମ୍ଭ ହୋଇଛି । ରୂପସା ହିରାପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏସଏମ୍‌ସି କମିଟି ପକ୍ଷରୁ ବିଦ୍ୟାଳୟକୁ ପ୍ରବେଶ ଦ୍ୱାରରେ ଛାତ୍ରଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ପ୍ରବେଶ କରାଯାଇଥିଲା । ଏହି ଶୁଭ କାର୍ଯ୍ୟକୁ କମିଟିର ସଭାପତି ଜିତେନ୍ଦ୍ରକୁମାର ପଣ୍ଡା, ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମି ମହାପାତ୍ର, ନିୟତୀ ଧଳ, ହେମଲତା ପ୍ରଧାନ, ସୁଭାଷିନୀ ସାହୁ, ସସ୍ମୀତା ସିଂହ, ଫକୀର ମୋହନ ପ୍ରଧାନ, ବିଶ୍ୱନାଥ ମାରାଣ୍ଡି, ଜୟସ୍ମିତା ମହାପାତ୍ର, ରାଜଲକ୍ଷ୍ମୀ ଦତ୍ତ, ବାସନ୍ତୀ ଦାସ, ସସ୍ମୀତା ଧଳ ସହଯୋଗ କରିଥିଲେ । ଉଦୟନାଥ ଉଚ୍ଚ ବିଦ୍ୟାଳୟ, କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୪୮ଜଣ ଛାତ୍ରଛାତ୍ରୀ ପରିକ୍ଷାର୍ଥୀ ଉପସ୍ଥିତଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ଆଇନ୍‌ସେବା ପ୍ରାଧିକରଣ ତରଫରୁ ଆର୍ନ୍ତଜାତୀୟ ମହିଳା ଦିବସ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୦/୦୩ (ନି.ପ୍ର): ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନଳାଙ୍ଗ ଜିଲ୍ଲା କୋର୍ଟ ପରିସରରେ ଏକ ଆଇନ୍ ସଚେତନତା ସମ୍ବନ୍ଧୀୟ ଏକ ପଥପ୍ରାନ୍ତ ମହିଳା ପାଲା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମକୁ ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ଶିଶୁ ଚାଲାଣ ଉଚ୍ଛେଦ ସମ୍ବନ୍ଧୀୟ ଏକ ନାଟକ ପି.ଏଲ.ଭି.ମାନଙ୍କ ଦ୍ୱାରା ଅଭିନୀତ ହୋଇ ବେଶ ଆଦୃତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍‌କୋର୍ଟର ସମସ୍ତ ବିଚାରପତି, ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଆଡ୍‌ଭୋକେଟ୍ , ପି.ଏଲ୍.ଭି ତଥା ଭଦ୍ରକ ଜିଲ୍ଲା ଚିକିତ୍ସାଳୟର ଡ଼ାକ୍ତର ବୃନ୍ଦ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

## କ୍ଷେତ୍ର ମୋହନ ଓ ରାଧାମଣିଙ୍କ ଶ୍ରାଦ୍ଧ ଉତ୍ସବ

ବାସୁଦେବପୁର, ୧୦/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ନରସିଂହପୁର ପଂଚାୟତ ର ବାଣପୁର ଗ୍ରାମରେ ସମାଜ ସେବୀ କ୍ଷେତ୍ର ମୋହନ ପଣ୍ଡା ଓ ତାଙ୍କର ପତ୍ନୀ ରାଧା ମଣିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଆୟୋଜକ ଅଧ୍ୟାପକ ଦେବେନ୍ଦ୍ର ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସାଇ ବିସ୍ମୟ ପାଢ଼ୀ, କୌସ୍ତୁଭ ପାଢ଼ୀ, ଅଙ୍କିତ ପାଢ଼ୀ, ଚିନ୍ମୟୀ ପ୍ରିୟ ଦର୍ଶିନୀ ପାଢ଼ୀ ପ୍ରମୁଖ ବେଦ ପାଠ କରିଥିଲେ । ଏହି ଉତ୍ସବ ରେ ନିଶି ପ୍ରହରୀ, ଭଜନ କୀର୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରୋହିତ ମନ୍ତ ଓ ଶ୍ଳୋକ ପାଠ କରିଥିଲେ । ଏହି ଉତ୍ସବ ରେ ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ରବୀନ୍ଦ୍ର ପଣ୍ଡା, କବି ରତ୍ନାକର ପଣ୍ଡା, ବସନ୍ତ ପଣ୍ଡା, ଶାଶ୍ୱତୀ ପଣ୍ଡା, ଲକ୍ଷ୍ମୀପ୍ରିୟା ପଣ୍ଡା ଓ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ରାଉରକେଲା ଗସ୍ତରେ ମୁଖ୍ୟମନ୍ତ୍ରୀ....

୧.୩୪ କୋଟି ଟଙ୍କାରେ ନିର୍ମିତ ୩ଟି ଗୋଷ୍ଠୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ଏହା ସହିତ ୬୬.୯୩ କୋଟି ଟଙ୍କାର ବ୍ୟାୟରେ ନିର୍ମିତ ହେବାକୁ ଥିବା ୨୩ ଗୋଟି ରାସ୍ତା, କଲଭର୍ଟ ଏବଂ ଗୃହ ନିର୍ମାଣ କାର୍ଯ୍ୟ , ୮.୭୯ କୋଟି ଟଙ୍କାରେ ହେବାକୁ ଥିବା ୨୯ ଗୋଟି ଗୋଷ୍ଠୀ ସଭା ଗୃହ, ୩୫.୨୬ କୋଟି ଟଙ୍କା ମୂଲ୍ୟରେ ହେବାକୁ ଥିବା ୭୩ ଗୋଟି ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରକଳ୍ପ, ୧୬.୧୦ କୋଟି ଟଙ୍କାରେ ଲାଇଙ୍ଗ ଠାରେ ହେବାକୁ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳର ଉନ୍ନତିକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ଜିଲ୍ଲା ଯୋଜନ ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ, କ୍ରୀଡ଼ା ଏବଂ ଯୁବ ସେବା ସଚିବ ଆର. ଭିନିଲ୍ କ୍ରିଷ୍ଣା, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ କର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟ କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବକୁ ....

(ମୁଖ୍ୟ ବିଭାଗୀୟ ଦପ୍ତର କାର୍ଯ୍ୟାଳୟର କନିଷ୍ଠ ସହାୟକ , ସହକାରୀ ଉପବିଭାଗ ଅଧିକାରୀ ଏବଂ ଉପବିଭାଗଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ ) ନିୟମାବଳୀ , ୨୦୧୯ ରେ ପ୍ରସ୍ତାବିତ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଚୁକ୍ତିଭିତିକ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ସୃଷ୍ଟି ହୋଇଥିବା ପ୍ରମୁଖ ଶାସନ ସଚିବ ପାହ୍ୟାରେ ଅନୁମୋଦିତ ପଦବୀର ଅବଧି ଉକ୍ତ ପଦବୀରେ ନିଯୁକ୍ତ ଅଧିକାରୀଙ୍କ ୬୦ ବର୍ଷ ବୟସରେ ପଦାର୍ପଣ କରିବା କିମ୍ବା ସେ ଉକ୍ତ ପଦବୀ ତ୍ୟାଗ କରିବା କିମ୍ବା ତାଙ୍କର ନିୟୋଜନ ବାତିଲ ହେବା ମଧ୍ୟରୁ ଯେଉଟି ସର୍ବପ୍ରଥମ ସେ ପର୍ଯ୍ୟନ୍ତ ସୀମିତ ରହିବ । ପୂର୍ବରୁ ପ୍ରଣୟନ କରାଯାଇଥିବା ଓଡ଼ିଶା ଆପାର୍ଟମେଂଟ ମାଲିକାନା ଅଧିନିୟମ , ୧୯୮୨ ଏବଂ ଓଡ଼ିଶା ଆପାର୍ଟମେଂଟ ମାଲିକାନା ନିୟମ , ୧୯୯୨ ପରିବର୍ତେ ଏକ ନୂତନ ନିୟମ ପ୍ରଣୟନ ପାଇଁ ଆଗତ କରାଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସରକାର ବାସଗୃହ ପ୍ରକଳ୍ପ ପାଇଁ ଲିଜ ସୂତ୍ରରେ ଆବଣ୍ଟିତ ଜମି ଏବଂ ପିପିପି ମୋଡରେ ବିକଶିତ ପ୍ରକଳ୍ପଗୁଡିକ ପାଇଁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଏବଂ ଉନ୍ନୟନ କର୍ତୃପକ୍ଷ ସପକ୍ଷରେ ଲିଜ୍ ଦିଆଯାଇଥିବା ଜମିର ରୂପାନ୍ତରଣ ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ନୀତିଗୁଡ଼ିକୁ ଗ୍ରହଣ କରି ଫ୍ରିହୋଲ୍ଡ ସ୍ଥିତିକୁ ରୂପାନ୍ତର କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଆଇଓସିଏଲ୍ ଓଡ଼ିଶାର ପାରାଦୀପଠାରେ ୫୮ , ୦୪୨ କୋଟି ଟଙ୍କା ବିନିଯୋଗ ଦ୍ୱାରା ଏକ ମେଗା ଡୁଆଲ୍ ଫିଡ୍ କ୍ରାକର ପ୍ରତିଷ୍ଠା ପ୍ରସ୍ତାବ ସହିତ ଏହି ପ୍ରକଳ୍ପ ପାଇଁ ପ୍ରୋତ୍ସାହନ ରାଶିର ସ୍ୱତନ୍ତ୍ର ପ୍ୟାକେଜକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଲକ୍ଷ୍ୟରେ ଓଡ଼ିଶା ପଂଚାୟତିରାଜ ସେବା ବର୍ଗରେ ପୁନଃବିନ୍ୟାସ ତଥା ପରିପୁଷ୍ଟ କରିବାର ଆବଶ୍ୟକତାକୁ ଅନୁଭବ କରି ସରକାର ୩୧୪ଟି ଦ୍ୱିତୀୟ ଶ୍ରେଣୀର ପଦବୀକୁ ଉଚ୍ଛେଦ କରି ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ପଦବୀରୁ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ୧୦୩ଟି ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ପଦବୀ ସୃଷ୍ଟି କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ( ନିଯୁକ୍ତି ଓ ସେବା ସର୍ଭାବଳୀ ପ୍ରଣାଳୀ ) ନିୟମାବଳୀ ୨୦୨୧ ନିୟମ ୨ ( ଏଚ୍ ) ଅନୁଯାୟୀ ପ୍ରଦାନ କରାଯାଉଥିବା ଭିନ୍ନକ୍ଷମ ପ୍ରମାଣପତ୍ରର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାରର ଅଧିନିୟମ ୨୦୧୬ର ବ୍ୟବସ୍ଥା ମୁତାବକ ସଂଶୋଧନ କରାଯିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ପଂଚାୟତିରାଜ ଯାନ୍ତ୍ରିକ ସେବା ( ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ ) ନିୟମାବଳୀ – ୨୦୧୭ ସଂଶୋଧନ କରାଯାଇ ପଂଚାୟତି ରାଜ କ୍ୟାଡରର ସହକାରୀ ଯନ୍ତ୍ରୀମାନଙ୍କୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଗ୍ରେଡକୁ ପଦୋନ୍ନତି ଦିଆଯିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି । ନୟାଗଡ଼ର ' 'ବଲାଙ୍ଗିବନ୍ଧ ପାର୍କ ଓ ପୁଷ୍କରିଣୀ ' ନିର୍ମାଣ ନିମନ୍ତେ ନୟାଗଡ଼ର ସୁଜାତା ମହାପାତ୍ରଙ୍କ ବେସରକାରୀ ଜମିକୁ ସରକାରୀ ଖାତାଭୁକ୍ତ କରାଯାଇ ସମପରିମାଣର ସରକାରୀ ଜମିକୁ ତାଙ୍କ ସପକ୍ଷରେ ବଦଳର ନିବନ୍ଧକରଣ ନିମନ୍ତେ ସରକାରୀ ଷ୍ଟାମ୍ପ ଦେୟ ଓ ପଞ୍ଜିକରଣ ଫି ଛାଡ଼ କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ସରକାରଙ୍କ ଅଧୀନରେ ବନ୍ଦୋବସ୍ତ ଓ ଚକବନ୍ଦୀ ସଂସ୍ଥାର ୧୦୫ ଜଣ ଠିକା କର୍ମଚାରୀ ଯେଉଁମାନେ ୧୨ ଏପ୍ରିଲ ୧୯୯୩ ପୂର୍ବରୁ କାର୍ଯ୍ୟରେ ନିୟୋଜିତ ହୋଇଥିବେ ଓ ୧୫ ମାର୍ଚ୍ଚ ୨୦୦୫ ପରେ ଅବସରଣ ଗ୍ରହଣ / ମୃତ୍ୟୁବରଣ କରିଥିବେ , ସେମାନଙ୍କୁ / ସେମାନଙ୍କ ପରିବାରକୁ ଆଇନ ଅନୁଯାୟୀ ସର୍ବନିମ୍ନ ଅବସରକାଳୀନ ପ୍ରାପ୍ୟ / ପାରିବାରିକ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁରି ପ୍ରଦାନ କରିଛନ୍ତି ।

## ଖଡୁପାହିରେ ସତ୍ୟ ନାରାୟଣ ପୂଜା ଓ ଅଷ୍ଟପ୍ରହରୀ ଅନୁଷ୍ଠିତ



ବାଲେଶ୍ୱର, ୧୦/୦୩ (ନି.ପ୍ର): ତୁଣ୍ଡରା ପଞ୍ଚାୟତ ଅଧିନସ୍ଥ ଖଡୁସାହି ସମୁଦ୍ରକୂଳ ନିକଟରେ ଶ୍ରୀସତ୍ୟ ନାରାୟଣଙ୍କ ପୂଜା ଓ ଶ୍ରୀଶ୍ରୀ ଗୌରାଙ୍ଗ ଜୀଉ ମହାପ୍ରଭୂଙ୍କ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ୫.୩.୨୦୨୩ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରୀ ଆଜି ଅନ୍ତିମ ଦିବସ ଥିଲା । ଶ୍ରୀ ସତ୍ୟ ନାରାୟଣଙ୍କ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା, ବିଭିନ୍ନ ସଂକୀର୍ତ୍ତନ ଦଳ ଦ୍ୱାରା ହରିନାମ କୀର୍ତ୍ତନ ସହିତ ପ୍ରସାଦ ସେବନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ପର୍ଶୁରାମ ବେହେରା, ରବିନ୍ଦ୍ର ଲାହା, ରମମୟ ଓଝା, କହ୍ନେଇ ପରିଡ଼ା, ଲକ୍ଷ୍ମଣ ଦରୀ, ଯୁବ ସଂଗଠକ ରାଜକିଶୋର ଗିରୀ, ବୁଦ୍ଧଦେବ ହାଜରା, ଗୌରୀଶଂକର ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଅନ୍ତିମ ଦିନ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଜିଲ୍ଲା ପରିଷଦ ସଭ୍ୟ ବନ୍ଦିତା ନାୟକ, ସ୍ଥାନୀୟ ସରପଞ୍ଚ, ସମାଜସେବୀ ଜ୍ଞାନରଞ୍ଜନ ନାୟକ ପ୍ରମୁଖ ବିଶେଷ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଆୟୋଜକ ମାନଙ୍କୁ ଏହିଭଳି ଆଧାତ୍ମିକ କାର୍ଯ୍ୟ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ଜିଲ୍ଲାରେ ସାଂସ୍କୃତିକ ଓ ସାମାଜିକ ସମନ୍ୱୟ ବୃଦ୍ଧି ପାଇଁ ଆନ୍ଦୋଳନ



ବାରିପଦା, ୧୦/୦୩ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଅବଲୁପ୍ତ ପ୍ରାୟ ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟର ସୁରକ୍ଷା ତଥା ବିକାଶ ପାଇଁ ଭଂଜମାଟିର ଗାରିମାମୟ ଐତିହ୍ୟ ବିଷୟରେ ଉତରପିଢିଙ୍କୁ ସଚେତନ କରି ଜିଲ୍ଲାର ୪ଟି ଯାକ ସବଡିଭିଜନର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ସମନ୍ୱୟ ପ୍ରତିଷ୍ଠା ଏବଂ ଭାଇଚାରାର ପଂପରାକୁ ସୁଦୃଢ କରିବା ନିମନ୍ତେ ପ୍ରତିବର୍ଷ ଭଳି ଚଳକିତ ବର୍ଷ ୭ମ ବାର୍ଷିକ ବଳାଙ୍ଗୀ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଜି ସକାଳେ ୨ୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟିତ ହୋଇଯାଇଛି । ଏଜି ଯାତ୍ରା ୩ଦିନ ଧରି ଜିଲ୍ଲାର କୁଳିଅଣା, କଳାବାଡିଆ, ଝାରପୋଖୋରୀଅ, ସାରସକଣା, ବାଙ୍ଗିରିପୋଷୀ, ଦ୍ୱାରଶୁଣି, ବିଶୋଇ, ବିଜାତୋଳା, ରାଇରଙ୍ଗପୁର, ବହଳଦା, ଜାମଦା, ଗଡ, ଭାଲୁବସା, ଯଶିପୁର, ରରୁଆଁ, ଶୁକ୍ରୁଳି, ଖିଚିଂ, କରଂଜିଆ, ଠାକୁରମୁଣ୍ଡା, ଶରତ, କପ୍ରିପଦା, ଉଦଳା, ଖୁଂଟା, ହରିପୁର ଗଡ, ବଡସାହି, ମାଣତ୍ରି, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମରୋଡା, କୋଷ୍ଟା, ବାଘଡା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପାଲବଣି ବାଇପାସରେ ୧୨ ତାରିଖ ସଂଧ୍ୟାରେ ପହଂଚିବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବଳାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଫାୟାର ଷ୍ଟେସନ ଠାରେ ଉଦଯାପିତ ହେବ । ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା, ବାରିଦା ଉପନଗରପାଳ ସୀମାଦାସ, ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡ. କୈଳାଶଚନ୍ଦ୍ର ମହାନ୍ତି, ସମାଜସେବୀ ଡ. ନୀରଜ ପୋଥାଳ, ପଣ୍ଡିତ ଭାଗବତ ପଣ୍ଡା, ସମାଜସେବୀ ରବି ସିଂ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ଜ୍ୟୋତିରଥକୁ ଏବଂ ଜାଗରଣ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଯାତ୍ରାରେ ବଳାଙ୍ଗୀ ମହୋତ୍ସବର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକଙ୍କ ନେତୃତ୍ୱରେ ୪୦ଜଣ ସଂସ୍କୃତି ସୈନିକଙ୍କ ସହ ବଳାଙ୍ଗୀ ମହୋତ୍ସବର ବରିଷ୍ଠ ସଦଶ୍ୟ ନରେନ୍ଦ୍ର ମୋହନ ସେନାପତି, ଉଦୟ ନାଥ ଜେନା, ଗୋଲକ ମହାନ୍ତି , ଇନ୍ଦୁମତି ମହାନ୍ତି, ହୃଷିକେଶ ଦାସ ପ୍ରମୁଖ ଯାତ୍ରାରେ ସାମିଲ ରହିଛନ୍ତି ।

## ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ ଓ ମାନ୍ୟତା ପ୍ରଦାନରେ ବିସଙ୍ଗତି ପ୍ରସଙ୍ଗ : ନାକ୍‌ର ସ୍ପଷ୍ଟୀକରଣ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଜାତୀୟ ମୂଲ୍ୟାଙ୍କନ ଏବଂ ମାନ୍ୟତା ପରିଷଦ (ନାକ୍) ଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରାଯିବା କ୍ଷେତ୍ରରେ କେତେକ ବିସଙ୍ଗତିକୁ ନେଇ ନିକଟରେ କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ତେବେ ଏ ସମ୍ପର୍କରେ ନାକ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ନାକ୍ ଦ୍ୱାରା ଜାରି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ, ଗଣମାଧ୍ୟମରେ ପ୍ରକାଶ ପାଇଥିବା ସିଏଜିଙ୍କ ରିପୋର୍ଟ ଚୂଡ଼ାନ୍ତ ନୁହେଁ । କାରଣ ନାକ୍ ନିର୍ଦ୍ଦେଶକଙ୍କ ପକ୍ଷରୁ ଡ୍ରାଫ୍ଟ ଅନୁପାଳନର ଜବାବ ସିଏଜିଙ୍କ ନିକଟକୁ ପଠାଯାଇଛି ଯାହାକି ବର୍ତ୍ତମାନ ବିଚାରାଧୀନ ରହିଛି । ସିଏଜିଙ୍କ କାର୍ଯ୍ୟାଳୟଙ୍କ ପକ୍ଷରୁ କେତେକ ପରିବର୍ତ୍ତନ ପାଇଁ ଦିଆଯାଇଥିବା ପରାମର୍ଶକୁ ମଧ କାର୍ଯ୍ୟକାରୀ କରାଯାଉଛି ଏବଂ ଏକ ସଂଶୋଧିତ ଡ୍ରାଫ୍ଟ ପ୍ରସ୍ତୁତ କରାଯାଉଛି । ପ୍ରଥମ ମାମଲାରେ ନଷ୍ଟ ହେବା ଯୋଗ୍ୟ ଏବଂ ନଷ୍ଟ ହେଉନଥିବା ଆବର୍ଜନା ପରିଚାଳନା ପାଇଁ ୧୦୦୦ ପଏଣ୍ଟରୁ ନାକ୍ ୧୬ ପଏଣ୍ଟ ଦିଆଯିବା ନେଇ ଯେଉଁ ପ୍ରଶ୍ନ ଉଠିଛି ସେ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି । କଲେଜ ପକ୍ଷରୁ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଚିତ ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ କ୍ୟାମ୍ପସକୁ ସଫା ରଖାଯାଇଛି । ପରିସରରେ ଗଛ ଲଗାଯିବା ସହିତ ସେଥିରେ କ୍ୟୁଆର କୋଡ୍ ଦିଆଯାଇଛି । ସେହିପରି ବର୍ଷା ଜଳ ପରିଚାଳନା ଏବଂ ଜୈବିକ ଖତ ପ୍ରସ୍ତୁତି ମଧ କରାଯାଇଛି । ଅନାବଶ୍ୟକ ବର୍ଜ୍ୟବସ୍ତୁକୁ ନଜଳାଇବାକୁ ନାକ୍ ପକ୍ଷରୁ ଦିଆଯାଇଥିବା ପରାମର୍ଶକୁ କଲେଜ୍ ଗ୍ରହଣ କରିଛି । ଦ୍ୱିତୀୟ ମାମଲାରେ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ସବୁଜ ପ୍ରୟାସ ନିମନ୍ତେ ୧୦୦୦ ପଏଣ୍ଟରୁ ୨ ପଏଣ୍ଟ ଦିଆଯାଇଛି । ଛଅଟି ମାପଦଣ୍ଡକୁ ଆଧାର କରି ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ୍ ଗଠନ ପାଇଁ ପଦକ୍ଷେପ ସ୍ୱରୂପ ଏହି ମାନ୍ୟତା ଦିଆଯାଇଛି । କଲେଜ କ୍ୟାମ୍ପସକୁ ପ୍ଲାଷ୍ଟିକ ମୁକ୍ତ କରିବା ଏବଂ କାଗଜମୁକ୍ତ କାର୍ଯ୍ୟାଳୟ ପାଇଁ ପଦକ୍ଷେପ ନେବା ନିମନ୍ତେ ଏଭଳି ମୂଲ୍ୟାଙ୍କନ କରାଯାଇଛି । ତେବେ ସବୁଜ ଅଭ୍ୟାସର ଅନ୍ୟ ମାପଦଣ୍ଡଗୁଡ଼ିକ କ୍ଷେତ୍ରରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତୃତୀୟ ମାମଲାଟି ଉଚ୍ଚ ଶିକ୍ଷାନୁଷ୍ଠାନର ଶିକ୍ଷାବର୍ଷ ପରିଚାଳନା ସହିତ ଜଡ଼ିତ । ଏଥିରେ କଲେଜ ଦ୍ୱାରା ନିୟମିତ ଇଣ୍ଟରନାଲ ଆୟୋଜନ ସହିତ ଶିକ୍ଷାବର୍ଷ ପରିଚାଳନା ଆଧାରରେ ଗୁଣବତ୍ତା ଅନୁଯାୟୀ ମୂଲ୍ୟାଙ୍କନ କରାଯାଇଛି । ନାକ୍ ଦଳ କ୍ଷେତ୍ର ପରିଦର୍ଶନ କରିବା ସହିତ ସ୍ଥିତି ଅନୁଧ୍ୟାନ କରି ମୂଲ୍ୟାଙ୍କନ କରିଛନ୍ତି । ସାମଗ୍ରିକ ଜ୍ଞାନ ଓ ବୁଦ୍ଧିମତା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଆଧାରରେ ମାନ୍ୟତା ପ୍ରଦାନ କରାଯାଇଛି । ଚତୁର୍ଥରେ ନାକ୍ ପକ୍ଷରୁ କୁହାଯାଇଛି ଯେ, ସବୁ ମାପଦଣ୍ଡ ବା ମେଟ୍ରିକ୍ସ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ । କ୍ୱାଲିଟେଟିଭ ମେଟ୍ରିକ୍ସ ବା ଗୁଣବତ୍ତା ମାପଦଣ୍ଡ ପାଇଁ ୫୦୦ ଶବ୍ଦ ମଧ୍ୟରେ ବିବରଣୀ ସହିତ ଅତିରିକ୍ତ ଦସ୍ତାବିଜ ଦାଖଲ କରାଯିବା ଉଚିତ୍ । ସେହିପରି ପରିମାଣ ଆଧାରିତ ମାପଦଣ୍ଡ ବା କ୍ୱାଣ୍ଟିଟେଟିଭ ମେଟ୍ରିକ୍ସ କ୍ଷେତ୍ରରେ ସଂଖ୍ୟାତ୍ମକ ମୂଲ୍ୟ ସହିତ ଅତିରିକ୍ତ ଦସ୍ତାବିଜ ଦାଖଲ କରାଯିବା ଆବଶ୍ୟକ । ଏହାକୁ ଅନଲାଇନ ବ୍ୟବସ୍ଥାରେ ବିଭାଜିତ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ତିନି ଦଶନ୍ଧି ଧରି ନାକ୍ ବିଶ୍ୱର ଅନ୍ୟତମ ସବୁଠୁ ବଡ଼ ଉଚ୍ଚ ଶିକ୍ଷା ବ୍ୟବସ୍ଥାର ଗୁଣବତ୍ତା ସୁନିଶ୍ଚିତ କରିବା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି । ନାକ ସବୁବେଳେ ସମୟ ପରିକ୍ଷୀତ ପଦ୍ଧତି ଏବଂ ଢାଞ୍ଚା ବ୍ୟବହାର କରି ବିଭିନ୍ନ ବ୍ୟବସ୍ଥା ଓ ମତବିନିୟମ ଆଧାରିତ ପ୍ଲାଟଫର୍ମ ଜରିଆରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ ଏବଂ ମାନ୍ୟତା ପ୍ରଦାନ କାର୍ଯ୍ୟ କରିଥାଏ ।ଉଚ୍ଚ ଶିକ୍ଷାନୁଷ୍ଠାନର ମାନ ବୃଦ୍ଧି ପ୍ରକ୍ରିୟାରେ ନାକ୍ ସବୁବେଳେ ସମସ୍ତ ଅଂଶୀଦାରମାନଙ୍କୁ ନେଇ କାର୍ଯ୍ୟ କରିଥାଏ । ''ଉନ୍ନତମାନର ମୂଲ୍ୟାଙ୍କନ ଜରିଆରେ ଗୁଣବତ୍ତା ସୁନିଶ୍ଚିତ କରିବା'' ନାକ୍‌ର ସଂକଳ୍ପ ଓ ଲକ୍ଷ୍ୟ । ଏହା ସବୁବେଳେ ଉତ୍ତରଦାୟୀ, ପାରଦର୍ଶୀ ଓ ନୈତିକ ପ୍ରକ୍ରିୟାରେ ମୂଲ୍ୟାଙ୍କନ ଓ ମାନ୍ୟତା ପ୍ରଦାନ କାର୍ଯ୍ୟ ସମ୍ପାଦନ କରିଥାଏ ।

ଶନିବାର, ମାର୍ଚ୍ଚ ୧୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବାଲେଶ୍ୱର, ୧୦/୦୩ (ନି.ପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ଅଧ୍ୟକ୍ଷତା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ 'ଲିଙ୍ଗଗତ ସମାନତା ପାଇଁ ନୂତନ ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳା ସଶକ୍ତୀକରଣର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଯୁକ୍ତିବିଦ୍ୟା ସମ୍ବଳିତ ନାରୀ ଶିକ୍ଷାକୁ ଆଗେଇ ନେବା ସହ ମହିଳାଙ୍କୁ ସମାନ ଅଧିକାର ପ୍ରଦାନରେ ହିଁ ଏହି ଦିବସ ପାଳନର ସାର୍ଥକତା ରହିଛି ବୋଲି ସେ କହିଥିଲେ । ଏନେଇ ପ୍ରତି ମହଲରୁ ଉଦ୍ୟମ ଜାରି ରଖିବାକୁ ଏସପି ଶ୍ରୀମତି ନାଥ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କାରଯୁକ୍ତ ସମାଜ ଗଠନ ଓ ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏଥିରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଦ୍ୱାରା ମହିଳାଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ସେ ଆଲୋଚନା କରିଥିଲେ । କର୍ତ୍ତବ୍ୟ ପ୍ରତି ଯତ୍ନବାନ ହୋଇ ଶିକ୍ଷା ଓ ଚେତନା ଦ୍ୱାରା ନାରୀମାନେ ନିଜର ସ୍ଥିତି ସୁରକ୍ଷିତ ରଖିପାରିବେ ବୋଲି ଶ୍ରୀମତି ସାହୁ ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମଲ୍ଲିକ୍, ଡାକ୍ତର ରଞ୍ଜନ ନାୟକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ଅଧିକାର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ ଏଥିରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ମମତା ଯୋଜନାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୀଳଗିରିକୁ ଜିଲ୍ଲା ଦାବିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ




ନୀଳଗିରି, ୧୦/୦୩ (ନି.ପ୍ର): ନୀଳଗିରି ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିଲା ବେଳେ ନୀଳଗିରିକୁ ଏକ ଜିଲ୍ଲା ଦାବୀରେ ନୀଳଗିରିର ପୂର୍ବତନ ବିଧାୟକ ତଥା ନୀଳଗିରି ପ୍ରଜାମଣ୍ଡଳ ସ୍ମୃତି ସୁରକ୍ଷା କମିଟିର ସଭାପତି ଚିତରଂଜନ ଷଡ଼ଙ୍ଗୀ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଗତ ଫେବୃଆରୀ ମାସରେ ଚିଠି ଲେଖିଥିଲେ । ନୀଳଗିରିକୁ ଜିଲ୍ଲା ଦାବିରେ ଆଜି ନୀଳଗିରି ଡାକବଙ୍ଗଳା ପରିସରରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ନୀଳଗିରିକୁ ଜିଲ୍ଲା ଘୋଷଣା ଦାବୀ ପାଇଁ ଉପସ୍ଥିତ ବ୍ୟକ୍ତିମାନେ ମତାମତ ରଖିଥିଲେ । ଏହି ଆଲୋଚନାରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ଶ୍ୟାମସୁନ୍ଦରପୁର ସରପଂଚ ପୁରସ୍ତମ ସେଠୀ, ଆଇନଜୀବୀ ଗଦାଧର ପରିଡ଼ା, କିଶୋର ଦାସ, ଗୌରହରି ବେହେରା, ନିହାର ପରିଡ଼ା, ସମାଜସେବୀ ଚନ୍ଦନ କୁମାର ରାଉତ, ପ୍ରଶାନ୍ତ ବିଶ୍ୱାଳ, ନାରୀନେତ୍ରୀ ରେଖା ମଞ୍ଜରୀ ଦେବୀ, ଅନାଦି ଜେନା, ଗୋବିନ୍ଦ ଦାସ, ସିଦ୍ଧାର୍ଥ ସେଠୀ ପ୍ରମୁଖ ବହୁ ବ୍ୟକ୍ତି ନିଜ ନିଜର ମତବ୍ୟକ୍ତ ରଖିଥିଲେ ।

## ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲବନିସଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରାଗଲା

ନୂଆଦିଲ୍ଲୀ, ୧୦/୦୩ : ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲବନିସଙ୍କୁ ଶୁକ୍ରବାର ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଔପଚାରିକ ଭାବେ ସ୍ୱାଗତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଅଲବନିସଙ୍କୁ ଗାର୍ଡ଼ ଅଫ୍ ଅନର ମଧ୍ୟ ଦିଆଯାଇଥିଲା । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲବନିସ ଏହି ଅବସରରେ ଗଣମାଧ୍ୟମ ସହିତ କଥା ହେବା ବେଳେ କହିଛନ୍ତି ଯେ, ଏଭଳି ସ୍ୱାଗତ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ । ଅଷ୍ଟ୍ରେଲିଆ ଓ ଭାରତ ବହୁତ ଭଲ ମିତ୍ର । ଆଗକୁ ଏହି ସମ୍ପର୍କ ଆହୁରି ମଜବୁତ ହେବ ।

## ଉନ୍ମୋଚିତ ହେଲା ଡ. କେଶବ ଚରଣ ପଣ୍ଡାଙ୍କ ଲିଖିତ ତିନିଖଣ୍ଡ ପୁସ୍ତକ 'ଆସ ଆମେ ପୁରାଣ ପଢ଼ିବା'




ବାଲେଶ୍ୱର, ୧୦/୦୩ (ନି.ପ୍ର): ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଡ. କେଶବ ଚରଣ ପଣ୍ଡାଙ୍କ ଲିଖିତ 'ଆସ ଆମେ ପୁରାଣ ପଢ଼ିବା' ପୁସ୍ତକକର ପ୍ରଥମ ଖଣ୍ଡ ରାମାୟଣ, ଦ୍ୱିତୀୟ ଖଣ୍ଡ ମହାଭାରତ ଏବଂ ତୃତୀୟ ଖଣ୍ଡ ଶ୍ରୀମଦ୍ ଭାଗବତ, ବୋଉଁଥିଲେ ମର୍ଯ୍ୟାଦା ଓ ମୂଲ୍ୟବୋଧର କାହାଣୀ, ନିଷ୍ଠା କର୍ମଯୋଗ, ତଥା ରଣତ୍ରୟ ପରିଶୋଧ ଭଳି ବିଷୟମାନ ପୁଙ୍ଖାନୁପୁଙ୍ଖ ସ୍ଥାନିତ ହୋଇଛି । ସେହିଭଳି ସୁଖପାଠ୍ୟ ଗ୍ରନ୍ଥସମୂହର ଶୁଭ ଉନ୍ମୋଚନ ଆଜି ପୂର୍ବାହ୍ନ ୧୧ଘଟିକାରେ କୁରୁଡ଼ାସ୍ଥିତ ବୃନ୍ଦାବନଜୀଉ ମନ୍ଦିରସ୍ଥ ସ୍ୱସ୍ତି ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ ସମାରୋହରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଗୁଡ଼ିକୁ ଉନ୍ମୋଚନ କରିଥିଲେ । ପୁସ୍ତକର ଆଲୋଚକଭାବେ ଡ. ମଥୁରାନାଥ ହୋତା, ଡ. ଭାଗବତ ବେହେରା, ଡ. କ୍ଷିତୀଶ୍ୱର ଦାଶ ଯୋଗଦେଇ ଦୀର୍ଘବର୍ଷର ନିରବ ସାଧନାରେ କେଶବ ଚରଣ ପଣ୍ଡା ରଚନା କରିଥିଲେ ତିନି ଖଣ୍ଡ ବହି ସମସ୍ତଙ୍କ ପାଇଁ ଏକ ସଂଗ୍ରହଣୀୟ ଓ ସୁଖପାଠ୍ୟ ବହି ବୋଲି ମତବ୍ୟକ୍ତ କରିଥିଲେ । ଭାରତୀୟ ମହାନ ସଂସ୍କୃତିର କାଳଜୟୀ ପୁରାଣ ତ୍ରୟର ସଂକ୍ଷିପ୍ତସାରରେ ପରିପୁଷ୍ଟ ଏହି ତିନିଖଣ୍ଡ ପୁସ୍ତକ ମଣିଷର ଅନ୍ତର୍ଚେତନାକୁ ଆନ୍ଦୋଳିତ କରିବାରେ ଯଥେଷ୍ଟ ସହାୟକ ହେବବୋଲି ସେମାନେ ଦୃଢ଼ ଆଶାପୋଷଣ ପୂର୍ବକ ଲେଖକକୁ ଭୂୟସୀ ପ୍ରଶଂସା କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥି ରୂପେ ରେମୁଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଇଂ ଦୟାଲ ଚନ୍ଦ୍ର ଦାସ, ଡାକ୍ତର ଅଭିମନ୍ୟୁ କାନୁନ୍ ଗୋ, ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲା ବେଳେ ଲେଖକ ଡ. କେଶବ ଚରଣ ପଣ୍ଡା ତାଙ୍କ ଦୀର୍ଘ ୧୨ ବର୍ଷର ପରିଶ୍ରମର ଫଳ ସମସ୍ତଙ୍କ ଉପକାରରେ ଆସିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ଦେଇଥିଲା ବେଳେ ସୁବର୍ଣ୍ଣଶ୍ରୀ ପ୍ରକାଶନିର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ତିନୋଟି ପୁସ୍ତକର ସାମଗ୍ରିକ ଆଲୋଚନା କରିଥିଲାବେଳେ ସମସ୍ତ ଅତିଥିଙ୍କୁ ଫୁଲଚାରା ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା । ଶରତନନା ଓ ଅରୁଣନନା ବେଦପାଠ କରିଥିବାବେଳେ ପରମାନନ୍ଦ ଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ । ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନବର୍ଗର ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ ।

## ପିଇବାପାଣି, କୃଷିକୁ ଗୁରୁତ୍ୱ : ପାନୀୟଜଳ ଯୋଗାଣ ଲାଗି ହେବ ଜରୁରୀ ବୈଠକ

ଜଳେଶ୍ୱର, ୧୦/୦୩ (ନି.ପ୍ର): ଆଜି ଜଳେଶ୍ୱର ପଂଚାୟତ ସମିତିର ୩ୟ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଅଧ୍ୟକ୍ଷତା କରିଥିଲେ । ପିଇବାପାଣି ସମସ୍ୟା ଉତ୍କଟ ହୋଇଥିବାରୁ ସରପଂଚ ଓ ସମିତି ସଦସ୍ୟ ବିଭିନ୍ନ ପ୍ରଶ୍ନ ଓ ଅଭିଯୋଗ କରିଥିଲେ । ବ୍ଲକ ଅଂଚଳରେ ୧୭୯୦ଟି ନଳକୂପ କାର୍ଯ୍ୟକ୍ଷମ ଥିବା ବେଳେ ୩୫ଟି ପିଇବାପାଣି ପ୍ରକଳ୍ପ କାର୍ଯ୍ୟ କରୁଛି ବୋଲି ସରକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାସ କହିଥିଲେ । ଜଳସ୍ତର ଖସିଥିବାରୁ ଘରୋଇ ଅଗଭୀର ନଳକୂପ ଅଚଳ ହୋଇଥିବାର ବହୁ ନିର୍ବାଚିତ ପ୍ରତିନିଧି କହିଥିଲେ । କେତେକ ସ୍ଥାନରେ ସରକାରୀ ନଳକୂପ ଖରାପ ପରେ ମରାମତିରେ ବିଳମ୍ବ ଓ ନୂତନ ନଳକୂପ ଖନନରେ ବିଳମ୍ବ ଘଟୁଥିବାରୁ ପାଣି ସମସ୍ୟା ଉତ୍କଟ ସଂପର୍କରେ କୁହାଯାଇଥିଲା । ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏଥିରେ ହସ୍ତକ୍ଷେପ କରି ଆସନ୍ତା ୭ଦିନ ମଧ୍ୟରେ ଏକ ଜରୁରୀ ସ୍ୱତନ୍ତ୍ର ପଂଚାୟତ ସମିତି ବୈଠକ ଡାକିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଳେଶ୍ୱର ବ୍ଲକ୍‌ରେ ସୋରିଷ ଚାଷ ଜିଲାରେ ଭଲ ହୋଇଥିବାରୁ ରାଜ୍ୟସ୍ତରରେ ବାଲେଶ୍ୱର ଜିଲାପାଳ ପୁରସ୍କୃତ ହୋଇଥିବାର ଗୋଷ୍ଠୀ କୃଷି ଅଧିକାରୀ ସଂଜୟ ରାଉତ କହିଥିଲେ । ଏଣିକି ଚାଷୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ବିହନ ଯୋଗାଣ ହେବ ବୋଲି କହିଥିଲେ । ୧୭୮୦ଟି ଗ୍ରୁପକୁ ବଳରାମ ଯୋଜନାରେ ଭୂମିହିନଙ୍କୁ ସହାୟତା ଯୋଗାଇବାଲାଗି ପ୍ରସ୍ତୁତି ସରିଥିଲେ ମଧ୍ୟ ମାତ୍ର ହାତଗଣତି କେତେକଙ୍କୁ ଦିଆଯାଇଥିବା କହିଥିଲେ । ରାସାୟନିକ ସାର ବଦଳରେ ଜୈବିକ ସାର ଓ ନିମ୍ବ ପିଡିଆ ବ୍ୟବହାରକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଉଦ୍ୟାନବିତ୍ ସୌମ୍ୟ ରଥ ଜଳେଶ୍ୱରରେ ଶୀଳତଭଣ୍ଡାର ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ । ପଶ୍ଚିମବାର୍ଡ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ହେଉନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଶିକ୍ଷାଦାନ, ୫ଟି ବିଦ୍ୟାଳୟ, ଜଂଗଲ ବିଭାଗ, ୫ମ ରାଜ୍ୟ କମିଶନ, ୧୫ କେନ୍ଦ୍ର କମିଶନ ଅର୍ଥ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଂପର୍କରେ ଆଲୋଚନା ହୋଇଥିଲା । ମଂଚରେ ତହସିଲଦାର ନିହାର ରଂଜନ ବେହେରା, ଜିଲାପରିଦେ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବିଡିଓ ପୁନମ ରାଉତ, ଉପାଧ୍ୟକ୍ଷା ସଂଚିତ ସେନାପତି, ସାନ୍ତନୁ ପଟ୍ଟନାୟକ ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ରାଜା ବୈକୁଣ୍ଠନାଥ ଦେବଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଆଜି ମାର୍ଚ୍ଚ ୧୦ ତାରିଖ ମହାରାଜା ବୈକୁଣ୍ଠନାଥ ଦେବଙ୍କ ଉପଲକ୍ଷେ ମହାରାଜା ବୈକୁଣ୍ଠନାଥ ଦେବଙ୍କ ସ୍ମୃତି ସଂସଦ ତରଫରୁ ସ୍ଥାନୀୟ ଟାଉନହଲ ପରିସରରେ ସ୍ଥାପିତ ହୋଇଥିବା ମହାରାଜା ବୈକୁଣ୍ଠନାଥ ଦେବଙ୍କ ପ୍ରତିମୂର୍ତ୍ତି ଠାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳେ ସହରର ବୁଦ୍ଧିଜୀବୀ ଓ ସ୍ମୃତି ସଂସଦର କର୍ମକର୍ତ୍ତାଗଣ ଏକତ୍ରିତ ହୋଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଜା ବୈକୁଣ୍ଠନାଥ ଦେବଙ୍କ ସ୍ମୃତି ଚାରଣ ସହ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା । ଏହାପରେ ମାଣିଖାୟ ଉ.ପ୍ରା. ବିଦ୍ୟାଳୟରେ ଫଳ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ପଦ୍ମଲୋଚନ ଲେଙ୍କା, ଶ୍ରୀସୁଜିତ କୁମାର ଦେବ, ଶ୍ରୀ ହରେନ ଚନ୍ଦ୍ର ରଣା, ଶ୍ରୀ ଉତ୍ପଳ ମହାନ୍ତି, ଶ୍ରୀମତୀ ଗୋପମୁଦ୍ର ମହାପାତ୍ର, ଶ୍ରୀ ନିତ୍ୟ ଗୋପାଳ ସିଂ, ଶ୍ରୀ ସୁଧାଂଶୁ ଶେଖର ଦାସ, ଶ୍ରୀମତୀ ହେମଲତା ଦାସ, ଶ୍ରୀ ସୁଧାକର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଭିନ୍ନ ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର, ୧୦/୩(ନି.ପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଠିକା ଶିକ୍ଷକ ମାନଙ୍କୁ ପକ୍ଷରୁ ୩ଦଫା ସମ୍ବଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱ ଗୋଷ୍ଠି ଶିକ୍ଷାଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରିଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ଲୟର ପିଏମଜିଠାରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନି ନିଆଯାଇଛି । ଶିକ୍ଷାଦାନର ସର୍ବନିର୍ମ୍ମ ସ୍ତରରେ ଥିବା ଶିକ୍ଷକମାନଙ୍କୁ ଅବହେଳିତ କରାଯାଉଛି ଓ ପାତର ଅନ୍ତର କରାଯାଉଥିବାରୁ ଜଳେଶ୍ୱର ବ୍ଲକର ୫୨୦ଜଣ ଠିକା ପ୍ରାଥମିକ ଶିକ୍ଷକମାନେ ସ୍ୱର ଉତ୍ତଳନ କରିଛନ୍ତି । ଠିକା ନିଯୁକ୍ତିକୁ ଉଚ୍ଛେଦ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଓ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା ଦାବିରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ମୁଖ୍ୟ ଶାସନ ଶଚିବ, ଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସଂପର୍କରେ ମହାସଂଘର ସଭାପତି ପ୍ରଦୀପ ଜେନା ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ସଂପାଦକ ଶ୍ୟାମସୁନ୍ଦର ଦେ, ଦିଲ୍ଲିପ କୁମାର ସେଠୀ, ପ୍ରଦିପ କୁମାର ସିଂ, ସୁବ୍ରତ କୁମାର ସେନାପତି, କୁନାଲତା ଟୁଡୁ, ଉତ୍ତମ ଦାସ, ଚିତ୍ତରଂଜନ ଘୋଷ, ନବକିଶୋର ଦତ୍ତ, ସମର ପରିଡା, ସୀତାରାମ ମୁର୍ମୁ, ଅଶ୍ୱନୀ ଜେନା, ଗଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ବହୁ ଶିକ୍ଷକ ଆସି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି ।

## ବାରପଡା ସୁଣ୍ଠିରା ଦୋଳ ମହୋତ୍ସବ ଉଦ୍‌ଘାଟିତ



ଖଇରା, ୧୦/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଠିରା ଠାରେ ଗୁରୁବାର ସଂଧ୍ୟାରେ ବାରପଡା ସୁଣ୍ଠିରା ଦୋଳ ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଘାଟିତ ହୋଇ ଯାଇଛି । ଉଦ୍‌ଘାଟନୀ ସଭାରେ କମିଟିର ସଭାପତି ବିଜୟ କୁମାର ରାୟ ପୌରହିତ୍ୟ କରିଥିଲେ । ଅଧ୍ୟାପକ ଅଭିମନ୍ୟୁ ମାହୁନ୍ତ, ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସୁରେନ୍ଦ୍ର ସାମଲ, କୃପାସିନ୍ଧୁ ଖଟୁଆ, ଦକ୍ଷ ସଂଗଠକ ନରହରି ମହାକୁଡ, ପର୍ଶୁରାମ ନାୟକ ଓ ଦାମୋଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ କୁମାର ପଣ୍ଡା ବେଦପାଠ, ନିରଞ୍ଜନ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ମହୋତ୍ସବ ସମାଜ, ଦେଶ ଓ ଜାତି ମଧ୍ୟରେ ଯୋଡିବାରେ ସେତୁଭଳି କାର୍ଯ୍ୟ କରିଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସମ୍ପାଦକ ନିତ୍ୟାନନ୍ଦ ରାଉଳ ବିବରଣୀ ପାଠ ଓ ଲକ୍ଷ୍ମୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୁନାମଧନ୍ୟ କଣ୍ଠଶିଳ୍ପୀ ସୌରିନ ଭଟ୍ଟ, ଶୁଭାଶିଷ ମହାକୁଡ ଓ ଶ୍ରୀମନ ଦାସ ତଥା ଗୀତ ସଙ୍ଗୀତ ଅକେଷ୍ଟ୍ରା ର ଅନ୍ୟ କଳାକାରଙ୍କ ଆଲବମ ସାଙ୍ଗକୁ ନୁଆପୁରୁଣା ଚଳଚିତ୍ରର ସଙ୍ଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା ।

## ବିଏସଏଫ ଭର୍ତ୍ତିରେ ପୂର୍ବ ଅଗ୍ନିବୀରଙ୍କୁ ମିଳିବ ୧୦ ପ୍ରତିଶତ ସ୍ଥାୟୀ ନିଯୁକ୍ତି

ନୂଆଦିଲ୍ଲୀ, ୧୦/୦୩ : ଗୃହମନ୍ତ୍ରଣାଳୟ ବିଏସଏଫ୍‌ରେ ହେଉଥିବା ଭର୍ତୀରେ ପୂର୍ବତନ ଅଗ୍ନିବୀରଙ୍କୁ ୧୦ ପ୍ରତିଶତ ନିଯୁକ୍ତି କରିବାକୁ ନିଷ୍ପତି ନେଇଛି । ଏହା ବିଏସଏଫ୍‌ର ଜେନେରାଲ ଡ୍ରୟୁଟି କାଡର ନିଯୁକ୍ତି ନିୟମ ୨୦୧୫ ରେ ସଂଶୋଧନ କରିଛି । ମନ୍ତ୍ରଣାଳୟର ୬ ମାର୍ଚରେ ଗୋଟିଏ ଅଧିସୂଚନା ମାଧ୍ୟମରେ ଏଥିରେ ବଦଳିବା ସୂଚନା ଦେଇଥିଲା । ନୂଆ ନିୟମ ୯ ମାର୍ଚ ଗୁରବାରଠାରୁ ଲାଗୁ ହୋଇଛି ।

## ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଆଜିଠାରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି । ପରୀକ୍ଷାର ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ସକାଳ ୮ଟାରୁ ମାତୃଭାଷା ପରୀକ୍ଷା ଦେଇଛନ୍ତି । ରାଜ୍ୟର ମୋଟ ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ପିଲା ମାନେ ପରୀକ୍ଷା ଦେଇଛନ୍ତି । ଏହି ପରୀକ୍ଷା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପରୀକ୍ଷାର୍ଥୀଙ୍କ ପାଇଁ ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ର ଖୋଲା ରହିଥିଲା । ପିଲା ମାନଙ୍କୁ ମଧ ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ରରେ ପହଂଚିବାକୁ କୁହା ଯାଇଥିଲା ।


## ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ୍ ଏଣ୍ଡ ଥ୍ରୀଫ୍ଟ କୋ-ଅପରେଟିଭ ସୋସାଇଟି ଲିଃ

ମୀର୍ଜାପୋଖରୀ ଲେନ, ମୋତିଗଞ୍ଜ, ବାଲେଶ୍ୱର, ୭୫୬୦୦୩
ରେଜିଷ୍ଟ୍ରେସନ ନଂ ୧୫୭ ବି, ଏଲ୍ ତା ୨୩/୦୫/୧୯୫୫ ରିଖ
ଫୋନ : (୦୬୭୮୨)୨୪୦୯୮୪, ମୋ ନଂ : ୯୩୩୭୨୨୬୭୨୮

### ୨୦୨୨-୨୩ ବର୍ଷର ବାର୍ଷିକ ସାଧାରଣ ସଭା ନୋଟିସ୍

ନୋଟିସ ନଂ-୧୯୬ ତା- ୧୦-୦୩-୨୦୨୩

ଏତଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ୍ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃର ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ (ନାମମାତ୍ର ସଭ୍ୟ/ସଭ୍ୟାମାନଙ୍କ ବ୍ୟତୀତ) ଅବଗତ କରାଯାଉଛି କି ସମିତିର ସ୍ୱ ୨୦୨୨-୨୩ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ମାର୍ଚ୍ଚ ମାସ ତା ୨୫.୦୩.୨୦୨୩ରିଖ ଶନିବାର ୦୯.୩୦ମି ସମୟରେ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।

ଏଣୁ ଅନୁରୋଧ, ଆପଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ ।

**କାର୍ଯ୍ୟସୂଚୀ**

୧- ପୂର୍ବ ସାଧାରଣ ସଭା ତା ୨୧.୦୩.୨୦୨୧ ରିଖର ବିବରଣୀ ପଠନ ଦୃଢ଼ୀକରଣ ।
୨- ସଭାପତିଙ୍କ ଅଭିଭାଷଣ ।
୩- ସମିତିର ୨୦୨୧-୨୨ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୪- ସମିତିର ସ୍ୱ ୨୦୨୨-୨୩ ବର୍ଷ ଏବଂ ୨୦୨୩-୨୪ ବର୍ଷର ପରିଚାଳନା ପରିଷଦଙ୍କ ଦ୍ୱାରା ଗୃହୀତ ବ୍ୟବସାୟିକ ଯୋଜନା ଓ ବଜେଟ ଅଟକଳ ପଠନ ଓ ଅନୁମୋଦନ ।
୫- ସ୍ୱ ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷର (ତା ୦୧.୦୪.୨୦୨୨ ରିଖରୁ ତା ୩୧.୦୧.୨୦୨୩ ରିଖ ପର୍ଯ୍ୟନ୍ତ ଜମା ଖର୍ଚ୍ଚ ଉପରେ ଆଲୋଚନା ଓ ଅନୁମୋଦନ ।
୬- ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମତି କ୍ରମେ
ସ୍ୱା- ଶ୍ରୀ ଗୌରହରି ମିଶ୍ର
ସମ୍ପାଦକ
ତା-୧୦-୦୩-୨୦୨୩ରିଖ
ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ


## ପ୍ରାକୃତିକ କୃଷି ସଂପର୍କୀତ କୃଷକ ମେଳା




ବାଲିଆପାଳ, ୧୦/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆଜି ପ୍ରାକୃତିକ କୃଷିକୁ ଆପଣାଇବା ପାଇଁ ଏକ କୃଷକ ମେଳା ଆୟୋଜିତ ହୋଇଯାଇଛି । ରାସାୟାନିକ ସାର, ଔଷଧ ପ୍ରୟୋଗର ନକରାତ୍ମକ ଦିଗ ଉପରେ କୃଷକ ମାନଙ୍କୁ ସଚେତନା କରାଇବା ଥିଲା ଏହି କୃଷକ ମେଳାର ମୁଖ୍ୟ ଉଦ୍ଦେଶ୍ୟ । ବହୁ ବର୍ଷ ଧରି ନିଜ ନିଜ କ୍ଷେତରେ କୃଷକ ମାନେ ଫସଲ ଫଳାଇବା ପାଇଁ ରାସାୟାନିକ ସାର ଔଷଧ ପ୍ରୟୋଗ କରିବା ଦ୍ୱାରା କ୍ଷେତର ଉର୍ବରତା ନଷ୍ଟ ହୋଇଯାଇଛି । ପୁନର୍ବାର କ୍ଷେତକୁ ଉର୍ବର କରିବା ପାଇଁ ଏବଂ ଅଳ୍ପ ଖର୍ଚ୍ଚରେ କୃଷକ ତାର କ୍ଷେତରେ ଅଧିକ ଫସଲ ଅମଳ କରିବା ପାଇଁ ପ୍ରାକୃତିକ କୃଷିକୁ ଆପଣାଇବା ଆଜିର ଦିନରେ ଅତ୍ୟନ୍ତ ଆବଶ୍ୟକ ବୋଲି ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଅମିତାରାଣୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ.ସ୍ୱାଗତିକା ସାହୁ, ନାବାର୍ଡର ଡିଡିଏମ ତାପସ କୁମାର ପ୍ରଧାନ, ଜିଲ୍ଲା ଅତରିକ୍ତ କୃଷି ଅଧିକାରୀ ଜଳେଶ୍ୱର ପ୍ରଦୀପ କୁମାର ମହାନ୍ତି, ବାଲିଆପାଳ ଉଦ୍ୟାନ କୃଷି ବିଭାଗର ସହକାରୀ ଅଧିକାରୀ ଶୁଭଲକ୍ଷ୍ମୀ ସେନାପତି, ଏଏଫଓ ବନ୍ଧା ସ୍ୱର୍ଣ୍ଣରେଖା ବେହେରା, ବାଲିଆପାଳ ବ୍ଲକ ଭ୍ରାମ୍ୟମାଣ ଅତରିକ୍ତ ପ୍ରାଣୀ ଚିକିତ୍ସିକ ଡ.ଗୌତମ କୁମାର ସୁତାର ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ କୃଷକ ମାନଙ୍କୁ ପ୍ରାକୃତିକ କୃଷିର ଉପାଦେୟତା ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ପ୍ରାକୃତିକ କୃଷିକୁ ଆପାଣାଇବା ପାଇଁ ସ୍ଥାନୀୟ ବିରୁପାଳିଆ ଗ୍ରାମର ବୀଣାପାଣି ପାଲା ସାହିତ୍ୟ ସଂସଦ ପକ୍ଷରୁ ଏକ ସଚେତନତା ପାଲା ପରିବେଷଣ କରାଯାଇଥିଲା । ପ୍ରାକୃତିକ କୃଷିକୁ ସାରା ଜିଲାରେ ପହଂଚାଇବା ପାଇଁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଷଡଙ୍ଗୀଙ୍କ ଦ୍ୱାରା ପ୍ରାକୃତିକ କୃଷି ରଥକୁ ଉଦଘାଟନ କରାଯାଇଥିଲା । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମୁଖ୍ୟ ଅତିଥି ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀଙ୍କୁ ଉ ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବେକରେ ଓଢଣି ଦେଇ ଆତ୍ମହତ୍ୟା

ଜୟପୁର, ୧୦/୦୩ (ନି.ପ୍ର): ଜୟପୁର ସହରରେ ଜଣେ ବ୍ୟକ୍ତି ଜଣକ ବେକରେ ଓଢଣି ଦେଇ ଆତ୍ମହତ୍ୟା କରି ଥିବା ଜଣାଯାଇଛି । ମୃତକ ଜଣକ ହେଲେ ନୂଆ ସାହିର ଭାସ୍କର ମହାପାତ୍ର । ପୋଲିସ ସୂଚନା ଅନୁଯାଇ ଜୟପୁର ନୂଆସାହିର ଭାସ୍କର ମହାପାତ୍ର ଘରେ କେହି ନଥିବା ବେଳେ ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି । ଏନେଇ ଜୟପୁର ଟାଉନ ପୋଲିସ ସୂଚନା ପାଇ ଶବକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ କରିଛି । ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo